# ନକଲି ସୋୟାବଡ଼ି କାରଖାନା ଠାବ

କଟକ ଅଫିସ,୧୯।୧୨

ଜଗତ୍ପୁର ଶିଳ୍ପାଞ୍ଚଳ ଫେଜ୍-୨ରେ ଥିବା ମାହେକ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ନାମକ ଏକ ନକଲି ସୋୟାବଡି କାରଖାନାକୁ ଶନିବାର ପୋଲିସ ଠାବ କରିଛି। ଦୀର୍ଘଦିନ ଧରି ସେଠାରେ ବେଆଇନ ଭାବେ ଉକ୍ତ କାରଖାନା ଚାଲୁଥିଲା। ଖବରପାଇ ଅପରାହ୍ନରେ ମାଲଗୋଦାମ ଓ ଜଗତ୍ପୁର ପୋଲିସ ମିଳିତ ଭାବେ ସେଠାରେ ଚଢାଉ କରିଥିଲା। ଚଢାଉବେଳେ ସେଠାରୁ ନାମୀଦାମୀ କମ୍ପାନୀର ଲୋଗୋ, ଯନ୍ତ୍ରାଂଶ ସମେତ ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ପ୍ରାୟ ୫୦୦ ବସ୍ତା ସୋୟାବଡ଼ି, ୧୫୦ ବସ୍ତା ରାସାୟନିକ ସାମଗ୍ରୀ, ୪୦ ବସ୍ତା ଚାଉଳ ଗୁଣ୍ଡ ରହିଛି। ଏହି ଘଟଣାରେ ପୋଲିସ କାରଖାନା ମାଲିକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଜଗତ୍ପୁର ଥାନାରେ ଏକ ମାମଲା(ନଂ.୫୩୧/୨୦) ରୁଜୁ ହୋଇଥିବା ଥାନାଧିକାରୀ ରବୀନ୍ଦ୍ର ମେହେର କହିଛନ୍ତି। ଏହି ଚଢ଼ାଉରେ କଟକ କମିଶନରେଟ ପୋଲିସର ଜୋନ-୧ ଏସିପି ଅମରେନ୍ଦ୍ର ପଣ୍ଡା ଓ ମାପ ଓଜନ ଅଧିକାରୀ ଉତ୍କଳ କେଶରୀ ମହାନ୍ତି ସାମିଲ ହୋଇଥିଲେ।



ପୋଲିସ କାରଖାନାରେ ଯାଞ୍ଚ କରୁଛି।




ଜବତ ସାମଗ୍ରୀ।

## ୧୦ ଲକ୍ଷର ସାମଗ୍ରୀ ଜବତ: ୨ ଅଟକ

ସୂଚନାଯୋଗ୍ୟ, କଟକର ବିଭିନ୍ନ କାରଖାନାରେ ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି। ଦୀର୍ଘଦିନ ହେବ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ ସୁରାକ ପାଇପାରୁନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପାଇବା ପରେ ପୋଲିସ କେତେକ କାରଖାନା ଉପରେ ଚଢାଉ କରୁଛି। ହେଲେ ଏଭଳି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ବିଫଳ ହୋଇଛି। ଆଗାମୀ ଦିନରେ ଏଭଳି ନକଲି ଓ ଅପମିଶ୍ରଣ ସାମଗ୍ରୀ ତିଆରି ହେଉଥିବା କାରଖାନା ଉପରେ ପୋଲିସ ଏବଂ ପ୍ରଶାସନ ଚଢାଉ ଜାରି ରଖିବା ପାଇଁ ସହରବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ନଦୀ ପଠାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ସାଲେପୁର, ୧୯।୧୨(ଡି.ଏନ୍.ଏ.):** ସାଲେପୁର ବାଲିସାହି ପଞ୍ଚାୟତ ନିକଟ ଚିତ୍ରୋତ୍ପଳା ନଦୀ ପଠାର ଏକ ଗଛରୁ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ସ୍ଥାନୀୟ ମାଛୁଆତି ଗ୍ରାମର କାର୍ତ୍ତିକ କାଣ୍ଡିଙ୍କ ପୁଅ ରାଜେଶ (୨୧)। ଶୁକ୍ରବାର ଠାରୁ ସେ ନିଖୋଜ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୩୪/୨୦)ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ପାର୍କ, ନୌକାବିହାର କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**ଚୌଦ୍ୱାର,୧୯।୧୨(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ମାଗୁରା ପୋଖରୀ ନିକଟରେ ନିର୍ମାଣ ଚାଲିଥିବା ବିଜୁ ପଟ୍ଟନାୟକ ପାର୍କ ଓ ନୌକାବିହାର କାର୍ଯ୍ୟର ସମୀକ୍ଷା କରିଛନ୍ତି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ। ଶନିବାର ଜିଲାପାଳ ପାର୍କ ନିର୍ମାଣ ସ୍ଥଳରେ ପହଞ୍ଚି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ୨୦୧୪ରେ ଶୁଭ ଦିଆଯାଇଥିବା ଏହି ବୋଟିଂ ପାର୍କର ନିର୍ମାଣ କାର୍ଯ୍ୟର ବିଳମ୍ବତା ଉପରେ ସେ ଓଟିଡିସିର ବରିଷ୍ଠ କର୍ମକର୍ତ୍ତାମାନଙ୍କ ପରାମର୍ଶ ଲୋଡିଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ପାର୍କ ନିର୍ମାଣ ପାଇଁ ୨କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ୨କୋଟି ଟଙ୍କା ବ୍ୟୟ କରାଯାଇ ଏହାର ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇ ଆସନ୍ତା ମାର୍ଚ୍ଚ ମଧ୍ୟରେ ଲୋକାର୍ପଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଟିଡିସିର ନିର୍ବାହୀଯନ୍ତ୍ରୀ ସନାତନ ପ୍ରଧାନ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ନିରଞ୍ଜନ ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ପବିତ୍ର ବେହେରା, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା ଓ ଅର୍ଜୁନ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ଗୁରୁତର

**ସାଲେପୁର,୧୯।୧୨(ଡି.ଏନ୍.ଏ.):** ସାଲେପୁର-ଶିଶୁଆ ପୂର୍ତ୍ତବିଭାଗ ରାସ୍ତାରେ ଶନିବାର ସକାଳେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ରାଜନଗର ଅଞ୍ଚଳର ପ୍ରଶାନ୍ତ କୁମାର ରାଉତ(୪୦)। ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରଶାନ୍ତ ବାଇକ୍ ନେଇ ସାଲେପୁର-ଶିଶୁଆ ରାସ୍ତା ଦେଇ କଟକ ଯାଉଥିଲେ। ଏହି ସମୟରେ କଟକରୁ ସାଲେପୁର ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ଅଟୋ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପ୍ରଶାନ୍ତ ଗୁରୁତର ହୋଇଥିବାବେଳେ ଅଟୋ ଭିତରେ ଥିବା ସୁନୀତା ସାହୁ (୫୫) ଓ ପୁଅ ଶାନ୍ତିସ୍ୱରୂପ ଆହତ ହୋଇଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଛି।

## ପେନ୍ସନ ଦିବସ ପାଳିତ

କଟକ ଅଫିସ, ୧୯।୧୨

ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାର କର୍ମଚାରୀ ସଂଘ କଟକ ଶାଖା ତରଫରୁ କନିକା ଛକସ୍ଥିତ ସଂଘ କାର୍ଯ୍ୟାଳୟରେ ଶନିବାର ପେନ୍ସନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଜୟକୃଷ୍ଣ ଆଚାର୍ଯ୍ୟ ଏହାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପେନ୍ସନରମାନଙ୍କ ବିଭିନ୍ନ ସମାସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଡିଜିଟାଲ ପଦ୍ଧତିରେ ଆବେଦନ ପ୍ରକ୍ରିୟା ଏକ ଜଟିଳ ପଦ୍ଧତି ବୋଲି ଉପସ୍ଥିତ ଅତିଥିମାନେ ଦର୍ଶାଇଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଥିବା ପେନ୍ସନଭୋଗୀମାନେ ଏ ବାବଦରେ ଅଧିକ ହଇରାଣ ହେବା ଆଶଙ୍କା ରହିଛି। ତେଣୁ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏଥିରେ ସଂଘ ସାଧାରଣ ସମ୍ପାଦକ ନିର୍ମଳେନ୍ଦୁ ଗୁପ୍ତା, ପ୍ରସନ୍ନ କୁମାର ମହାନ୍ତି, ହରି ନାରାୟଣ ଦେବର୍ତ୍ତା, ନିକୁଞ୍ଜ ରଥ ଓ ଟି.ସୁବା ରାଓ ପ୍ରମୁଖ ଯୋଗଦେଇଥିଲେ।

# ବିଜିୟୁରେ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ



ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଆପ୍ଲାଏଡ୍ ଡାଟା ଆନାଲିଟିକ୍ସ, ଫାଇନାନ୍ସିଆଲ ପ୍ଲାନିଂ ଓ ଇନ୍ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ ରହିଛି। ବିଜିୟୁର କୁଳପତି ପ୍ରଫେସର ଡ. ପି. ପି. ମାଥୁର, ରେଜିଷ୍ଟ୍ରାର ବି. କେ. ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା ଏହି ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପାଠ୍ୟକ୍ରମଗୁଡ଼ିକୁ ଏପରି ଡିଜାଇନ କରାଯାଇଛି, ଯାହା ବଜାର ଓ ଶିଳ୍ପଗୁଡ଼ିକର ଚାହିଦା ପୂରଣ କରିବାରେ ସାହାଯ୍ୟ କରିବ। ଏହା ଅଧିକରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବ ବୋଲି ପ୍ରଫେସର ମାଥୁର କହିଛନ୍ତି। ରେଜିଷ୍ଟ୍ରାର ବି. କେ. ଦାସ କହିଥିଲେ ଯେ, ମହାମାରୀ ସମୟରେ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛେ। ଏଭଳି ସ୍ଥିତିରେ ବିନା କୌଣସି ବ୍ୟାଘାତରେ ଅନ୍ଲାଇନ୍ ଶିକ୍ଷାଦାନ ଜାରି ରଖିବା ନେଇ ଫାକଲ୍ଟିମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

## ୭ନଂ. ଜୋନ୍ ଜିଲାପରିଷଦ ଉପନିର୍ବାଚନ

# ୧୯ ବୁଥ ସ୍ପର୍ଶକାତର ଚିହ୍ନଟ

କଟକ ସଦର,୧୯।୧୨(ଡି.ଏନ୍.ଏ.)

ଆସନ୍ତା ୨୨ରେ କଟକ ୭ନଂ. ଜୋନ୍ ଜିଲାପରିଷଦ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିବା ମୋଟ୍ ୧୨୪ଟି ବୁଥ ମଧ୍ୟରୁ ୧୯ଟି ସ୍ପର୍ଶକାତର ବୋଲି କିଶନନଗର ପୋଲିସ ଚିହ୍ନଟ କରିଛି। ସେଗୁଡିକ ହେଲା ଧରିଣା ଉପ୍ରା ବିଦ୍ୟାଳୟ, କମରପଦା ବିଦ୍ୟାଳୟ, ଅର୍ଚ୍ଚିଲ-ବାଲିସାହି ବିଦ୍ୟାଳୟ, ହୁଲିପୁର ଗୋଷ୍ଠୀକେନ୍ଦ୍ର, ଗରାଶୁଣୀ ଉପ୍ରା ବିଦ୍ୟାଳୟ, ବାଲିଶୁକ୍ରି, ନାରଦା ଉର୍ଦ୍ଦୁ ବିଦ୍ୟାଳୟ, ଗାଦିମନ୍ଦିର, ହଂସଦିଆ ଉପ୍ରା ବିଦ୍ୟାଳୟ, ଥୋରିଆପଡା ବିଦ୍ୟାଳୟ, ବୋଧପୁର ଉପ୍ରା ବିଦ୍ୟାଳୟ, ବାଇକଣା ଗୋଷ୍ଠୀକେନ୍ଦ୍ର, କେତୁଆଁ ଗୋଷ୍ଠୀକେନ୍ଦ୍ର, ରାମକୁମାରପୁର ମଲ୍ଲିକସାହି କେନ୍ଦ୍ର, ପ୍ରହରାଜପୁର ହାଇସ୍କୁଲ, ବସ୍ତପଡା କେନ୍ଦ୍ର ବିଦ୍ୟାଳୟ, ଅରିଲୋ, ରାମକୁମାରପୁର ବିଦ୍ୟାଳୟ ଓ ବୋଧପୁର ଗ୍ରାମର ୨ଟି ବୁଥ। ଏଥର ଉପନିର୍ବାଚନରେ ଭୋଟ ଗଣତି ବୁଥରେ ନ କରାଯାଇ ୨୩ ତାରିଖରେ କଟକ ସଦର ବ୍ଲକ କାର୍ଯ୍ୟାଳୟରେ କରାଯିବ ବୋଲି ଜଣାପଡିଛି।

# ଦିଲ୍ଲୀରୁ ଫେରିଲା ସୂର୍ଯ୍ୟକାନ୍ତଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଜଗତ୍ସିଂହପୁର ଜିଲା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁ (୨୫) ହୃଦରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଗତ ୧୪ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ଅତି ଜଟିଳ ହେବାରୁ ତାଙ୍କୁ ୧୬ତାରିଖରେ ଭୁବନେଶ୍ୱରରୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୮ତାରିଖରେ ମୃତ୍ୟୁ ଘଟିଥିଲା। ତେବେ ସୂର୍ଯ୍ୟକାନ୍ତଙ୍କ ପାର୍ଥିବ ଶରୀରକୁ ଓଡ଼ିଶା ଫେରାଇ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରେ ସମ୍ଭବପର ନ ଥିଲା। ଏ ନେଇ ତାଙ୍କ ଭାଇ ଦିଲ୍ଲୀସ୍ଥିତ ଓଡ଼ିଆ ମହାମଞ୍ଚକୁ ଜଣାଇଥିଲେ। ମଞ୍ଚ ପକ୍ଷରୁ ଏ ସମ୍ପର୍କରେ ତୁରନ୍ତ 'ଓଡିଶା-ମୋ ପରିବାର'କୁ ଅବଗତ କରାଯାଇଥିଲା। ଓଡିଶା-ମୋ ପରିବାର ଏଥିଲାଗି ସମସ୍ତ ସହାୟତା କରିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ମଧ କରିଥିଲା। ଓଡିଶା-ମୋ ପରିବାର, ଓଡ଼ିଆ ମହାମଞ୍ଚର ମୁଖ୍ୟ ଗୋବର୍ଦ୍ଧନ ଧଳ ଓ ମନୋଜ ନାଏକଙ୍କ ମିଳିତ ଉଦ୍ୟମରେ ଶନିବାର ପୂର୍ବାହ୍ନ ୧୧ଟାରେ ପାର୍ଥିବ ଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଆବାହକ ଉପସ୍ଥିତ ରହି ପାର୍ଥିବ ଶରୀରକୁ ଗ୍ରହଣ କରିଥିଲେ। ପାର୍ଥିବ ଶରୀରକୁ ସୂର୍ଯ୍ୟକାନ୍ତଙ୍କ ଜନ୍ମମାଟିକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଇଥିଲା।

# ୩ ମାସ ପରେ ହତ୍ୟା ଅଭିଯୋଗ ଆଣିଲେ ପ୍ରେମିକା

ଖୁଣ୍ଟୁଣୀ,୧୯।୧୨(ଡି.ଏନ୍.ଏ.)

ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରୁ ସେପ୍ଟେମ୍ବର ୩ରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ତେବେ ଘଟଣାର ୩ ମାସ ପରେ ମୃତ ଯୁବକଙ୍କ ପ୍ରେମିକା ତାଙ୍କୁ ହତ୍ୟା କରାଯାଇଥିବା ନେଇ ଶନିବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ.୧୪୯/୨୦) ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଗୟାଧର ବେହେରା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସତ୍ୟବାଦୀ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଉକ୍ତ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ପରେ ପରସ୍ପର ମଧ୍ୟରେ ବିବାହ କରିବାକୁ ନିଷ୍ପତ୍ତି ନେଇ ସେପ୍ଟେମ୍ବର ୬ରେ ବିବାହ ପାଇଁ ଦିନ ଠିକ କରିଥିଲେ। ହେଲେ ଯୁବକଙ୍କ ପରିବାର ଲୋକେ ଏହି ବିବାହରେ ରାଜି ହୋଇ ନ ଥିଲେ। କିନ୍ତୁ ଯୁବକ ଜଣକ ବିବାହ ପାଇଁ ଜିଦ ଧରି ଘରକୁ ଟିଭି, ଫ୍ରିଜ ଓ ସମସ୍ତ ବିବାହ ସରଞ୍ଜାମ କିଣି ଆଣିଥିଲେ। ତେବେ ୩ ତାରିଖ ସକାଳେ ଯୁବକଙ୍କ ମୃତଦେହ ତାଙ୍କ ଶୋଇବା ଘରେ ଝୁଲୁଥିବା ପରିବାର ଲୋକେ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଥାନା ପକ୍ଷରୁ ନଂ.୩/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ଯୁବକଙ୍କ ଆତ୍ମହତ୍ୟା କରିଥିବା ଉଲ୍ଲେଖ ଥିବାରୁ ପୋଲିସ ତଦନ୍ତରେ ଶିଥିଳତା ପ୍ରକାଶ କରିଥିଲେ। ଏବେ ଯୁବତୀଙ୍କ ଏତଲା ପାଇବା ପରେ ଘଟଣାର ନୂଆ ମୋଡ଼ ନେଇଛି। ପୋଲିସ ପୁଣିଥରେ ତଦନ୍ତ ଆରମ୍ଭ କରିବାକୁ ବାଧ ହୋଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ/ ଟିଗିରିଆ/ବଡ଼ମ୍ବା, (ଡି.ଏନ୍.ଏ.) ୧୯।୧୨

ଓଡ଼ିଶା ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ହାଇକୋର୍ଟ ସମେତ ୩୦ଟି ଜିଲା ଓ ତାଲୁକା ସ୍ତରରେ ଥିବା ସମସ୍ତ ଅଦାଲତରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟରେ ଅନୁଷ୍ଠିତ ଲୋକ ଅଦାଲତରେ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍, ସଞ୍ଜୁ ପଣ୍ଡା, ଚିତ୍ତରଞ୍ଜନ ଦାସ, ଏସ୍. କେ. ମିଶ୍ର, ସଙ୍ଗମ କୁମାର ସାହୁ, କେ. ଆର୍. ମହାପାତ୍ର, ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ସାବିତ୍ରୀ ରଥ ପ୍ରମୁଖ ଭିଡିଓ କନ୍ଫରେନ୍ସରେ ଯୋଗଦେଇଥିଲେ। ଏଥିରେ ୧୫୦ଟି ଦୁର୍ଘଟଣା ମାମଲାର ଫଇସଲା କରାଯାଇ ୫,୭୫,୮୧,୦୦୭ ଟଙ୍କା କ୍ଷତିପୂରଣ ଦେବା ପାଇଁ ବିଭିନ୍ନ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ଓ ତାଲୁକା ସ୍ତରରେ ମୋଟ ୮୧,୮୬୯ ମାମଲା ବିଚାର ପାଇଁ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୮୧୨୨ଟି ମାମଲା ଫଇସଲା କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ମାମଲାଗୁଡିକର ଫଇସଲା କରାଯାଇ ମୋଟ ୭୧, ୪୮, ୫୧, ୩୭୧ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିଲା।

ତାଲୁକ ଆଇନ ସେବା କମିଟି ଟିଗିରିଆ ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଟିଗିରିଆ ବିଚାର ବିଭାଗୀୟ ଅଦାଲତର ବିଚାରପତି ସୁମିତ୍ରା କୁମାରୀ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ଟିଗିରିଆ ଅଦାଲତର ୧୪ଟି ଫୌଜଦାରି ମାମଲା ଏବଂ ୟୁକୋ ବ୍ୟାଙ୍କର ୪ ଅଣଆଦାୟ ଋଣ ମାମଲା ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମକୁ ମଙ୍ଗଳକୃଷ୍ଣ ଦାସ, ରଘୁନାଥ ଦାଶ, ସଞ୍ଜୟ କୁମାର ଦାଶ, ତନ୍ମୟ କୁମାର ମିଶ୍ର ଓ ରଞ୍ଜନ କୁମାର ମହାରଣା ପରିଚାଳନା କରିଥିଲେ। ସେହିପରି ବଡ଼ମ୍ବା ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ବଡ଼ମ୍ବା ଜେଏମ୍ଏଫ୍ସି ଶ୍ରୀକାନ୍ତ ପାଢ଼ୀ ଏଥିରେ ଯୋଗଦେଇ ମାମଲାଗୁଡ଼ିକୁ ବିଚାର କରିଥିଲେ । ଏହି ଅବସରରେ ୧୪ଟି ମାମଲାର ଫଇସଲା ହୋଇଥିଲା। ଏଥିସହ ୨୯,୦୦୦ ଟଙ୍କା ଆଦାୟ କରାଯାଇଛି।




କୃଷକ ବିରୋଧୀ ଓ ଜନ ବିରୋଧୀ କୃଷି ଆଇନ ପ୍ରତ୍ୟାହାର ଦାବିରେ ଶନିବାର କଟକ କଲେଜ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ନାଗରିକ ଅନୁଷ୍ଠାନ ପକ୍ଷରୁ ଗଣଧାରଣା।



କଟକ ବାରବାଟୀ ଷ୍ଟାଡିୟମ ସମ୍ମୁଖ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଶୀତଦିନିଆ ଫୁଲଚାରା।

# ଗୁରୁଡ଼ିଝାଟିଆ ସମବାୟ ସମିତିରେ ଦୁର୍ନୀତି

## ୯ ଜଣଙ୍କ ନାଁରେ ଏତଲା

ଖୁଣ୍ଟୁଣୀ,୧୯।୧୨(ଡି.ଏନ.ଏ.)

ଆଠଗଡ ବ୍ଲକ ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ହୋଇଥିବା କୃଷିଋଣ ଦୁର୍ନୀତିରେ ଶୁକ୍ରବାର ୯ ଜଣ କର୍ମଚାରୀଙ୍କ ନାଁରେ ଗୁରୁଡିଝାଟିଆ ଥାନାରେ ଏତଲା ଦିଆଯାଇଛି। ସମବାୟ ବିଭାଗର ଡେପୁଟି ରେଜିଷ୍ଟ୍ରାରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା(ନଂ.୧୪୮/୨୦) ରୁଜୁ କରି ତଦନ୍ତ ଚଳାଇଛି। ଉପରୋକ୍ତ କର୍ମଚାରୀମାନେ ଠକେଇ, ଆର୍ଥିକ ଅନିୟମିତତା ଓ ସରକାରୀ ଅର୍ଥ ହେରଫେର କରିଥିବା ନେଇ ଏତଲାରେ ଦର୍ଶାଯାଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ସମବାୟ ସମିତିରେ ଦୁର୍ନୀତ ହୋଇଥିବା ନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ସମେତ ଉପରିସ୍ଥ ପଦାଧିକାରୀ, ସଚିବ ଓ ମନ୍ତ୍ରୀଙ୍କୁ ଜଣାଇଥିଲେ। ଗତ ମାର୍ଚ୍ଚ ୭ରେ ସମବାୟ ନିବନ୍ଧକ ଏହାର ତଦନ୍ତ କରି ୧ କୋଟି ୯ ଲକ୍ଷ ୫୦ ହଜାର ୨୯୦ ଟଙ୍କାର ହେରଫେର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାରେ ସମିତିର ୬ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ହେଲେ ଏହି ଘଟଣାରେ ବଡଧରଣର ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ ଧାରଣା ଦେବା ସହ ଆତ୍ମାହୁତି ଦେବା ପାଇଁ ବିଧାନସଭା ଯାଇଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଚାଷୀମାନେ ତୀବ୍ର ଆନ୍ଦୋଳନ କରିବାରୁ ସମବାୟ ନିବନ୍ଧକ ବାଧହୋଇ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ତଦନ୍ତବେଳେ ଏଥିରେ ଆଉ ୩ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିବାରୁ ଏ ନେଇ ଡେପୁଟି ରେଜିଷ୍ଟ୍ରାର ଥାନାରେ ଏତଲା ଦେଇଛନ୍ତି। ଘଟଣା ସମ୍ପର୍କରେ ଗୁରୁଡିଝାଟିଆ ଥାନା ଆଇଆଇସି ସମୀର ରଞ୍ଜନ ପଣ୍ଡା କୁହନ୍ତି, ଏହି ଏତଲା ଆଧାରରେ ମାମଲା ରୁଜୁ କରିଯାଇ ତଦନ୍ତ ଆରମ୍ଭ ହୋଇଛି। ସେହିପରି ଆଠଗଡର ୨୬ଟି ସମବାୟ ସମିତିରେ କୋଟିକୋଟି ଟଙ୍କାର ଦୁର୍ନୀତି ଓ ହେରଫେର ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସିବିଆଇ ତଦନ୍ତ ପାଇଁ ଚାଷୀ ସଂଗଠନ ଓ ବିରୋଧୀଙ୍କ ଦାବି ଜୋର ଧରିଛି।

## ସଂକ୍ଷେପରେ

### ଭୁବନେଶ୍ୱରରେ ଭାଜପା ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଭନିତା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ):** ପ୍ରଥମଥର ପାଇଁ ଶନିବାର ଓଡ଼ିଶା ଆସିଛନ୍ତି ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଭନିତା ଶ୍ରୀନିବାସନ। ଭନିତା ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ତାଙ୍କୁ ସ୍ୱାଗତ କରି ରାଜ୍ୟ କାର୍ଯ୍ୟାଳୟ ଆଣିଥିଲେ। ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦକ ମାନସ ମହାନ୍ତି, ଅନ୍ୟ କର୍ମୀମାନେ ତାଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ପରୀ ହତ୍ୟା ଘଟଣାରେ ନ୍ୟାୟ ପାଇଁ ରବିବାର ହେବାକୁ ଥିବା ପଦଯାତ୍ରାରେ ଭନିତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଡଣ୍ଡଗଣିଲେ ମାର୍କେଟ ବିଲ୍ଡିଂ ବ୍ୟବସାୟୀ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ):** ଭୁବନେଶ୍ୱରରେ ଏବେ ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନାକୁ ବିଏମ୍‌ସି ଗୁରୁତ୍ୱ ଦେଇଛି। ଏହିକ୍ରମରେ ଶନିବାର ବିଏମ୍‌ସି ପକ୍ଷରୁ ୟୁନିଟ୍ ୨ ମାର୍କେଟରେ ଥିବା ଦୋକାନଗୁଡ଼ିକୁ ଯାଞ୍ଚ କରାଯିବା ସହ ଡଷ୍ଟବିନ୍ ନ ଥିବାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ୧୦ଜଣ ବ୍ୟବସାୟୀଙ୍କଠାରୁ ୭ହଜାର ୭ଶହ ଟଙ୍କାର ଜରିମାନା ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି। ମିଳିଥିବା ସୂଚନାମୁତାବକ, କରୋନା ସଂକ୍ରମଣ ତଥା ସ୍ୱଚ୍ଛ ସର୍ବେକ୍ଷଣକୁ ଲକ୍ଷ୍ୟ କରି ସମସ୍ତ ବ୍ୟବସାୟୀ ତଥା ଜନସାଧାରଣଙ୍କୁ ଡଷ୍ଟବିନ୍ ରଖିବାକୁ ବିଏମ୍‌ସି ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଏପରି କି ୨ଦିନ ତଳେ ମାର୍କେଟରେ ଥିବା ସମସ୍ତ ବ୍ୟବସାୟୀ ନିଜ ଦୋକାନରେ ଡଷ୍ଟବିନ୍ ରଖି ବର୍ଜ୍ୟ ପରିଚାଳନା କରିବା ପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଇଥିଲା। ମାର୍କେଟ ପରିସରରେ ବ୍ୟବସାୟୀମାନେ କିପରି ନିୟମକୁ ଅନୁପାଳନ କରୁଛନ୍ତି ସେନେଇ ଶନିବାର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ମାର୍କେଟ ବିଲ୍ଡିଂର ୧୦ଜଣ ବ୍ୟବସାୟୀ ଦୋକାନରେ ଡଷ୍ଟବିନ୍ ରଖି ନ ଥିବାବେଳେ ବାହାରେ ବର୍ଜ୍ୟବସ୍ତୁ ପକାଉଥିବା ନଜରକୁ ଆସିଥିଲା ବୋଲି ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି।

### ବିଧବାଙ୍କୁ ବଳାତ୍କାର ଉଦ୍ୟମ: ପଡ଼ୋଶୀ ଗିରଫ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ):** ଜନୈକା ବିଧବାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଶନିବାର ଏୟାରପୋର୍ଟ ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳର ଲକ୍ଷ୍ମଣ ହାଂସଦା(୫୧)। ପୀଡ଼ିତା ବିଧବାଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୩୭୬/୫୧୧/୫୦୬ରେ ଏକ ମାମଲା(ନଂ.୨୭୧/୨୦୨୦)ରୁଜୁ କରି ଶନିବାର ଲକ୍ଷ୍ମଣଙ୍କୁ କୋର୍ଟଚାଲାଣ କରିଛି। ସୂଚନାଅନୁଯାୟୀ, ଅଭିଯୁକ୍ତ ଲକ୍ଷ୍ମଣ ହେଉଛନ୍ତି ପୀଡ଼ିତାଙ୍କ ପଡ଼ୋଶୀ। ସେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ବିଳମ୍ବିତ ରାତିରେ ଲକ୍ଷ୍ମଣ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେ ଶୋଇଥିବା ସମୟରେ ଲକ୍ଷ୍ମଣ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୀଡ଼ିତା କୌଣସିମତେ ଖସି ଆସି ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଶୁକ୍ରବାର ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ।

# ଏଥର ଭର୍ଚୁଆଲରେ ବଡ଼ଦିନ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ଆସନ୍ତା ୨୫ ତାରିଖରେ ବଡ଼ଦିନ ପାଳନ ଲାଗି ଚର୍ଚ୍ଚଗୁଡ଼ିକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ୩ ତାରିଖ ପରେ ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଥିଲେ ମଧ୍ୟ ଚର୍ଚ୍ଚଗୁଡ଼ିକରେ କଟକଣା ମଧ୍ୟରେ ଖ୍ରୀଷ୍ଟମାସ ସେଲିବ୍ରେଶନକୁ ଅନୁମତି ମିଳିଛି। ଏହାସତ୍ତ୍ୱେ ଚର୍ଚ୍ଚ ଖୋଲିବାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି କର୍ତ୍ତୃପକ୍ଷ। କେବଳ ଗୋଟିଏ ଦିନ ସର୍ବସାଧାରଣଙ୍କ ପାଇଁ ଚର୍ଚ୍ଚ ଖୋଲିବା ଏବଂ ଭିଡ଼ ନିୟନ୍ତ୍ରଣ କରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହେବ। କମ୍ ସଂଖ୍ୟକ କର୍ମଚାରୀରେ କୋଭିଡ୍ କଟକଣା ପାଳନ କରିବା ଏବଂ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପ୍ରାୟତଃ ଅସମ୍ଭବ ହୋଇପଡ଼ିବ। ତେଣୁ ସରକାରୀ ନିୟମର ଅବମାନନା ଆଶଙ୍କା କରି ଚର୍ଚ୍ଚ ଖୋଲିବା ପରିବର୍ତ୍ତେ ଭର୍ଚୁଆଲରେ ବଡ଼ଦିନ ପାଳନ କରିବାକୁ ଅଧିକାଂଶ ଚର୍ଚ୍ଚ ନିଷ୍ପତ୍ତି ନେଇଛନ୍ତି।

ବଡ଼ଦିନରେ ଚର୍ଚ୍ଚ ଖୋଲିବାକୁ ହେଲେ ପ୍ରଥମେ ସ୍ଥାନୀୟ ପ୍ରଶାସନର ଅନୁମତି ନେବାକୁ କୁହାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ଯେପରି ଅଧିକ ଲୋକ ଏକତ୍ରିତ ନ ହେବେ ସେ ସଂକ୍ରାନ୍ତରେ ନିଶ୍ଚିନ୍ତ ହେବା ସହ କେତେ

### ଚର୍ଚ୍ଚ ଖୋଲିବାକୁ ନେଇ ଦ୍ୱନ୍ଦ୍ୱରେ କର୍ତ୍ତୃପକ୍ଷ

ଲୋକଙ୍କୁ ନେଇ ଚର୍ଚ୍ଚଗୁଡ଼ିକ ବଡ଼ଦିନ ପ୍ରାର୍ଥନା କାର୍ଯ୍ୟକ୍ରମ କରିବେ ଏବଂ କେତେ ଲୋକଙ୍କ ପାଇଁ ସେଠାରେ ସ୍ଥାନ ରହିଛି ସେ ନେଇ ସବିଶେଷ ଲିଖିତ ତଥ୍ୟ ଦାଖଲ କରିବେ। ଆବେଦନ ପରେ ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଚର୍ଚ୍ଚଗୁଡ଼ିକୁ ଅନୁମତି ଦିଆଯିବ ଏବଂ ଏହାପରେ ଯାଇ ଚର୍ଚ୍ଚରେ ବଡ଼ଦିନ ପାଳନ କରାଯାଇପାରିବ। ପ୍ରାର୍ଥନା ଗୃହରେ ଯେତିକି ଲୋକଙ୍କ ବସିବା ପାଇଁ ସ୍ଥାନ ରହିଥିବ ତା'ର ଅଧା ଲୋକଙ୍କୁ ନେଇ ପ୍ରାର୍ଥନା କରିବାକୁ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି। ସେହିଭଳି ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ପରିଧାନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଚର୍ଚ୍ଚ କର୍ତ୍ତୃପକ୍ଷ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ କଟକଣାକୁ ସାମାନ୍ୟ କୋହଳ କରିବାକୁ କହିଛନ୍ତି। ଆବଶ୍ୟକ ମାନବସମ୍ବଳ ଏବଂ ସୁରକ୍ଷାକର୍ମୀଙ୍କ ଅଭାବରୁ ଲୋକ ଗହଳିକୁ ନିୟନ୍ତ୍ରଣ କରିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଅସମ୍ଭବ ଆଶଙ୍କା କରି ଅଧିକାଂଶ ଚର୍ଚ୍ଚ ବଡ଼ଦିନ ପାଳନରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ପରିସ୍ଥିତି



ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଥିବା ଚର୍ଚ୍ଚଗୁଡ଼ିକ ପକ୍ଷରୁ ଚଳିତବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍‌ରେ ବଡ଼ଦିନ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରାର୍ଥନା କାର୍ଯ୍ୟକ୍ରମକୁ ଲାଇଭ୍ ଷ୍ଟ୍ରିମ୍ କରାଯିବ। ୮ମାସ ହେବ ଚର୍ଚ୍ଚ ବନ୍ଦ ରହିଥିବାରୁ ପ୍ରାର୍ଥନା ଓ ବାକ୍ୟ ପ୍ରଚାର ଅନ୍‌ଲାଇନରେ କରାଯାଉଥିଲା। ତେଣୁ ଏହା ଏବେ ବି ଅନ୍‌ଲାଇନ୍‌ରେ କରିବାରେ କୌଣସି ଅସୁବିଧା ନାହିଁ। ଏତେଦିନ ଧରି ଚର୍ଚ୍ଚ ବନ୍ଦ ଥିବାରୁ ଗୋଟିଏ ଦିନ ପାଇଁ ଖୋଲିଲେ ବହୁସଂଖ୍ୟାରେ ଜନସମାଗମ ହେବ। ଏଭଳିସ୍ଥଳେ ଭିଡ଼ ନିୟନ୍ତ୍ରଣ ଅସମ୍ଭବ ହୋଇପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଖ୍ରୀଷ୍ଟମାସକୁ ଭର୍ଚୁଆଲ ମୋଡରେ କରିବାକୁ ଚର୍ଚ୍ଚ କର୍ତ୍ତୃପକ୍ଷ ଉଚିତ୍ ମଣୁଛନ୍ତି। ବଡ଼ଦିନ ପ୍ରାର୍ଥନାର ଲାଇଭ୍ ଷ୍ଟ୍ରିମିଂ ଚର୍ଚ୍ଚର ୟୁଟ୍ୟୁବ୍ ଚ୍ୟାନେଲରେ ହେବ ଏବଂ ମିଡ଼ନାଇଟ୍ କାର୍ଯ୍ୟକ୍ରମ ଜୁମ୍‌ରେ କରାଯିବ। ଏନେଇ ସତ୍ୟନଗରସ୍ଥିତ ୟୁନିୟନ ଚର୍ଚ୍ଚ ଫାଦର ଆୟୁବ୍ ଛିଞ୍ଚାଣି କହିଛନ୍ତି, ଏପର୍ଯ୍ୟନ୍ତ ଆମର କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସରକାରଙ୍କ ନିୟମ ଅନୁଯାୟୀ ଯଦି ଆମେ ଅଧା ଲୋକଙ୍କୁ ଭିତରକୁ ଛାଡ଼ିବୁ ଓ ଅଧାଙ୍କୁ ଛାଡ଼ିବୁନି ତାହେଲେ ବିବାଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଭର୍ଚୁଆଲ୍‌ରେ ବଡ଼ଦିନ ପାଳନ ହେବାର ଅଧିକ ସମ୍ଭାବନା ରହିଛି। ନଚେତ୍ ଭୁବନେଶ୍ୱର ସହରରେ ଥିବା ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ନେଇ ୧୫ଟି ଜୋନ୍‌ରେ ବିଭକ୍ତ କରାଯିବ ଏବଂ ଜୋନ୍ ଅନୁସାରେ ୧ ଘଣ୍ଟା ଲେଖାଏଁ ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି।

### କଟାଯିବନି କେକ୍, ଆଲିଙ୍ଗନ ବଦଳରେ ନମସ୍କାର

କୋଭିଡ୍ ସଂକ୍ରମଣ ଲାଗି ହାତ ମିଳାଇବା କିମ୍ବା ଆଲିଙ୍ଗନ କରିବାକୁ ସରକାରଙ୍କ ବାରଣ ଥିବାରୁ ନମସ୍କାର କରି ପରସ୍ପରକୁ ଶୁଭେଚ୍ଛା ଜଣାଇବେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ସେହିଭଳି ଏଥର କେକ୍ ମଧ୍ୟ କଟାଯିବନି କି କେହି କାହାକୁ ଖୁଆଇବେନି। ସାମାଜିକ ମିଳାମିଶା ଏବଂ କାର୍ଯ୍ୟକ୍ରମ ପରିବର୍ତ୍ତେ ଘରେ ରହି ବଡ଼ଦିନ ପାଳନ କରିବାକୁ ଲୋକେ ଉଚିତ୍ ମଣୁଛନ୍ତି। ଘରେ ଘରେ ମିଠା, ପିଠା ସହ ନୂଆବସ୍ତ୍ର କରିଧାନକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ନିଜ ଘରକୁ ସଜାଇବା ଓ ଖ୍ରୀଷ୍ଟମାସ ଟ୍ରି ପ୍ରସ୍ତୁତ ପାଇଁ ଏବେଠାରୁ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ବଜାରରେ ଖୋଲିଥିବା ସ୍ୱତନ୍ତ୍ର ଦୋକାନରେ ଏଥିଲାଗି ଭିଡ଼ ଜମୁଛି।

### ମୃତଦେହ ସତ୍କାର କରିପାରିଲେନି ସ୍ୱାମୀ
## ସାହାହେଲା 'ଓଡ଼ିଶା ମୋ ପରିବାର'

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ରାଜଧାନୀର ମହାବୀର ବସ୍ତିରେ ରହୁଥିବା ମୀନତି ବେହେରା(୫୦)ଙ୍କ ଶୁକ୍ରବାର ସକାଳୁ ଅଜଣା କାରଣ ଯୋଗୁ ହଠାତ୍ ମୃତ୍ୟୁ ହୋଇଥିଲା। ଦିନ ମଜୁରିଆଭାବେ କାମ କରୁଥିବା ସ୍ୱାମୀ କାମଧନ୍ଦା ନ ପାଇ ରୋଜଗାର ଶୂନ୍ୟ ହୋଇ ବସିଛନ୍ତି। ଏଭଳିସ୍ଥଳେ ମୀନତିଙ୍କ ମୃତଦେହକୁ ଘରୁ ଉଠାଇ ଶ୍ମଶାନକୁ ନେବା ଏବଂ ସତ୍କାର କରିବାର ସାମର୍ଥ୍ୟ ପରିବାର ପାଖରେ ନ ଥିଲା। ଫଳରେ ଦୀର୍ଘସମୟ ଧରି ଘରେ ମୃତଦେହ ପଡ଼ିରହିଥିଲା। ଏନେଇ ଜଣେ ସହୃଦୟ ବ୍ୟକ୍ତି 'ଓଡ଼ିଶା ମୋ ପରିବାର' ନଜରକୁ ଆଣିଥିଲେ। 'ଓଡ଼ିଶା ମୋ ପରିବାର' ଟିମ୍ ପହଞ୍ଚି ମୃତଦେହ ସତ୍କାର କରାଇଥିଲେ।

### ଚୋରି ଉଦ୍ୟମ: ୩ ଗିରଫ

**କଟକ ସଦର,୧୯।୧୨(ଡି.ଏନ୍.ଏ.):** କିଶନ ନଗର ଥାନା ଅଧୀନ ତରିତୋ ଗ୍ରାମର ମୀନକେତନ ବେହେରାଙ୍କ ଗୁହାଳରେ ଶୁକ୍ରବାର ରାତିରେ ପଶି ଛେଳି ଓ ଗୋରୁ ଚୋରି କରୁଥିବାବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ମଧ୍ୟକଚ୍ଛ ଗ୍ରାମର ମୁନା ଗଣ୍ଡ, ସଞ୍ଜୟ କାଣ୍ଡି ଓ ସୁଶାନ୍ତ ଗଣ୍ଡ।

# 'କଟନଫାବ୍-୨୦୨୦' ଆରମ୍ଭ



ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'କଟନଫାବ୍-୨୦୨୦' ପ୍ରଦର୍ଶନୀକୁ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ରେଶମ ଓ ସୂତା ବସ୍ତ୍ରର ସମ୍ଭାର 'କଟନ୍‌ଫାବ୍-୨୦୨୦' ଶନିବାରଠାରୁ ଆରମ୍ଭ ହୋଇଛି। ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଛନ୍ତି। ଜାନୁୟାରୀ ୧୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ପ୍ରତିଦିନ ପୂର୍ବାହ୍ନ ସାଢ଼େ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।

ଏଥିରେ ଦେଶର ୧୨ଟି ରାଜ୍ୟର ୧୨୨ଜଣ ହସ୍ତଶିଳ୍ପୀ ଯୋଗଦେଇ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଲକ୍ଷ୍ନୌର ଚିକନୱାକ୍ ଡ୍ରେସ୍, ଶାଢ଼ି, କୁର୍ତ୍ତା, ପାଇଜାମା, ଗୁଜରାଟର ଏଥ୍‌ନିକ୍ ପ୍ରିଣ୍ଟ, ରାଜସ୍ଥାନୀ ବ୍ଲକ ପ୍ରିଣ୍ଟେଡ୍, କୋଟା ଦରି ଡ୍ରେସ୍ ସାମଗ୍ରୀ, ପଞ୍ଜାବର ଫୁଲ୍‌କରୀ ଡ୍ରେସ୍, ପଟିଆଲା ସାମଗ୍ରୀ, ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍ୱରୀ, ବାଗ୍ ପ୍ରିଣ୍ଟ ଡ୍ରେସ୍, ପଶ୍ଚିମବଙ୍ଗର ଶାନ୍ତିନିକେତନ ତନ୍ତ,

### ଯୋଗ ଦେଇଛନ୍ତି ୧୨ ରାଜ୍ୟର ୧୨୨ ହସ୍ତଶିଳ୍ପୀ

ଧକାଇ ଜାମଦାନୀ ଶାଢ଼ି, ଆନ୍ଧ୍ରପ୍ରଦେଶର ମଙ୍ଗଳଗିରି, ତାମିଲନାଡୁର ମଦୁରାଇ ଶାଢ଼ି, ହିମାଚଳ ପ୍ରଦେଶର କଟନ କୁର୍ତ୍ତା, ଉତ୍ତରପ୍ରଦେଶର ବନାରସ ସିଲ୍କ ଓ କଟନ ଶାଢ଼ି, ଛତିଶଗଡ଼ର ସିଲ୍କ, ଖଦି ଡ୍ରେସ୍, ଝାଡ଼ଖଣ୍ଡର ଟସର ସିଲ୍କ ଡ୍ରେସ୍ ଓ ଶାଢ଼ି, ଦିଲ୍ଲୀର ଚିକନ ଏମ୍ବ୍ରୋଡୋରୀ ଡ୍ରେସ୍, ଶାଢ଼ି ଆଦି ଏଠାରେ ଉପଲବ୍ଧ ହେଉଛି। ଗତ ୧୨ବର୍ଷ ହେବ ଏହି ପ୍ରଦର୍ଶନୀ ଆୟୋଜନ ହେଉଛି। ଯଦିଓ ଏବର୍ଷ କରୋନାର ଛାଟ ସବୁ କ୍ଷେତ୍ରରେ ପଡ଼ିଛି, ତଥାପି ଗ୍ରାହକଙ୍କ ନିକଟରେ ସେମାନଙ୍କ ମନ ପସନ୍ଦର ଲୁଗାପଟା ପହଞ୍ଚାଇବା ପାଇଁ ବ୍ୟବସାୟୀମାନେ ନୂଆ ଆଶାରେ ଏଠାକୁ ଧାଇଁ ଆସିଛନ୍ତି।



ମହିଳାମାନେ ଷ୍ଟଲରେ ଲାଗିଥିବା କଟନ ବସ୍ତ୍ର ଦେଖୁଛନ୍ତି।

## ଦିନିକିଆ ରିମାଣ୍ଡରେ ଦୁଇ ଅଭିଯୁକ୍ତ

### ଜାଲ୍ ଦସ୍ତଖତରେ ୧୮କୋଟି ଠକେଇ ମାମଲା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

କନ୍‌ଷ୍ଟ୍ରକ୍ସନ୍ କମ୍ପାନୀର ମାଲିକ ଓ ପରିଚାଳନା ନିର୍ଦ୍ଦେଶକଙ୍କ ଜାଲ୍ ଡିଜିଟାଲ ସିଗ୍ନେଚର୍ ମାଧ୍ୟମରେ ୧୮କୋଟି ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ୨ଜଣଙ୍କୁ ଶନିବାର ନୟାପଲ୍ଲୀ ଥାନା ପୋଲିସ ଦିନିକିଆ ରିମାଣ୍ଡରେ ଆଣିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ବ୍ରହ୍ମପୁର ଛେତ୍ରୀର ପ୍ରଭାସ ଚନ୍ଦ୍ର ମିଶ୍ର ଓ ଆଠଗଡ଼ ପିତିରିର ରୁଦ୍ର ଦାଶ। ପୋଲିସ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିବାବେଳେ କୋର୍ଟ ଗୋଟିଏ ଦିନ ପାଇଁ ଅନୁମତି ଦେଇଛନ୍ତି। ଅଭିଯୁକ୍ତମାନେ କମ୍ପାନୀର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗୋପନ ଭାବେ ରଖିଥିବାରୁ ଅଧିକ ପଚରାଉଚରା ପାଇଁ ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍‌ରେ ଜଗନ୍ନାଥଧାମ ସୁପର ଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ ନାମକ ଏକ କନଷ୍ଟ୍ରକ୍ସନ୍ କମ୍ପାନୀ ରହିଛି। କମ୍ପାନୀ ନିର୍ଦ୍ଦେଶକ ନନ୍ଦକିଶୋର ବଳ ତାଙ୍କର ୪ଜଣ ବନ୍ଧୁଙ୍କୁ କମ୍ପାନୀ ବୁଝାଶୁଝା କରିବାକୁ ଦେଇଥିଲେ। ହେଲେ ସେମାନେ ନନ୍ଦକିଶୋର ଓ ପରିଚାଳନା ନିର୍ଦ୍ଦେଶକ ଥିବା ତାଙ୍କ ସ୍ତ୍ରୀଙ୍କ ଦସ୍ତଖତ ନକଲି କରି ୧୮ କୋଟି ୩୧ଲକ୍ଷ ୪୮ହଜାର ଟଙ୍କା ଠକି ନେଇଥିଲେ।

## ଭିଜିଲାନ୍ସ ଜାଲରେ କୋଟିପତି ବରିଷ୍ଠ ସହକାରୀ ଅଧିକାରୀ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

- ଉତ୍କଳ ବିଶ୍ୱବିଦ୍ୟାଳୟର ଜୁଲୋଜି ବିଭାଗରେ କାର୍ଯ୍ୟ କରୁଥିଲେ
- ୫ ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଟିମ୍‌ର ଚଢ଼ାଉ
- ୧.୩୮ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାୟ ପ୍ରାଣୀ ବିଜ୍ଞାନ(ଜୁଲୋଜି) ବିଭାଗରେ କାର୍ଯ୍ୟରତ ବରିଷ୍ଠ ସହକାରୀ ଅଧିକାରୀ ଅଶୋକ କୁମାର ମିଶ୍ର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟକୁ ଭିତ୍ତି କରି ଶନିବାର ଅଶୋକଙ୍କ ମଞ୍ଚେଶ୍ୱରସ୍ଥିତ ୨ମହଲା କୋଠା, ପଟିଆ ପ୍ରଶାନ୍ତ ବିହାରସ୍ଥିତ ୨ ମହଲା କୋଠା, ବାଣୀବିହାର କ୍ୟାମ୍ପସସ୍ଥିତ ସରକାରୀ କ୍ୱାର୍ଟର, ସାଲେପୁର ଥାନା ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ପୈତୃକ ବାସଭବନ, ବାଣୀବିହାରସ୍ଥିତ ଡିଡିସିଇରେ ଥିବା ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଅଶୋକଙ୍କ ନିକଟରୁ ୧କୋଟି ୩୮ଲକ୍ଷ ୨୭ ହଜାର ୭୫୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏନେଇ ଅଧିକ ପଚରାଉଚରା ନେଇ ମିଶ୍ରଙ୍କୁ ଭିଜିଲାନ୍ସ ଟିମ୍ ପକ୍ଷରୁ କଟକସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

ଭିଜିଲାନ୍ସ ଚଢ଼ାଉବେଳେ ଅଶୋକ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା କୋଟିଏରୁ ଊର୍ଦ୍ଧ୍ୱ ବେଆଇନ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଛି। ଭୁବନେଶ୍ୱରସ୍ଥିତ ୧୩ ଲକ୍ଷ ୯୨ ହଜାର ଟଙ୍କାର ଏକ ୩ ମହଲା କୋଠା, ଭୁବନେଶ୍ୱରରେ ୫୩ ଲକ୍ଷ ୫୯ ହଜାର ଟଙ୍କାର ୨ଟି ୨ମହଲା ବିଶିଷ୍ଟ କୋଠା, କଟକ ସାଲେପୁରରେ ୭ ଲକ୍ଷ ୯୨ ହଜାର ଟଙ୍କାର ଏକ ମହଲା କୋଠା, ସାଲେପୁରରେ ୨୮ ଲକ୍ଷ ୧୨ ହଜାର ଟଙ୍କାର ୧୪ଟି ଦୋକାନ ଘର, ୧ଲକ୍ଷ ୧୨ ହଜାର ଟଙ୍କାର ଭୁବନେଶ୍ୱରରେ ଥିବା ୪ଟି ପ୍ଲଟ୍, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧୪ ଲକ୍ଷ ୧୦ ହଜାର ଟଙ୍କାର ଜମାରାଶି, ୬ ଲକ୍ଷ ୧୨ ହଜାର ଟଙ୍କାର ସୁନାରୁପା ଅଳଙ୍କାର, ୯ଲକ୍ଷ ଟଙ୍କାର ଘର ଉପକରଣ, ୫୩ ହଜାର ଟଙ୍କାର ଏକ ବାଇକ ଓ ୩ ଲକ୍ଷ ୫୫ ହଜାର ନଗଦ ଟଙ୍କା ସମେତ ବହୁ କାଗଜପତ୍ର ଜବତ କରାଯାଇଛି।

# ଆତ୍ମନିର୍ଭର ଭାରତରେ ବିଜ୍ଞାନ ଭୂମିକା ଅନସ୍ୱୀକାର୍ଯ୍ୟ

**ଭୁବନେଶ୍ୱର, ୧୯।୧୨(ପିଆଇବି)**

ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଶନିବାର 'ବିଜ୍ଞାନ ଓ ଆତ୍ମନିର୍ଭର ଭାରତ' ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୨ରୁ ୨୫ ତାରିଖ ମଧ୍ୟରେ ନୂଆଦିଲ୍ଲୀଠାରେ ଭର୍ଚୁଆଲ ମୋଡ୍‌ରେ ହେବାକୁ ଥିବା ଭାରତ ଆନ୍ତର୍ଜାତିକ ବିଜ୍ଞାନ ମହୋତ୍ସବ (ଆଇଆଇଏସ୍ଏଫ୍)୨୦୨୦ର ଅବ୍ୟବହିତ ପୂର୍ବରୁ ଏହି ୱେବିନାର ଆୟୋଜିତ ହୋଇଛି। ଆତ୍ମନିର୍ଭର ଭାରତ ଗଠନରେ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଭୁବନେଶ୍ୱରସ୍ଥିତ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍ଆଇଆର୍)- ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ସୁଧାସତ୍ତ୍ୱ ବସୁ ଯୋଗଦେଇ ଆତ୍ମନିର୍ଭର ଭାରତ ଗଠନ ପାଇଁ ଖଣିଜ ପଦାର୍ଥ ଉପଯୋଗର ବୈଷୟିକ ଉନ୍ନତି ହେବା ଆବଶ୍ୟକ ବୋଲି କହିଛନ୍ତି। ଖଣିଜ ପଦାର୍ଥରୁ ଉତ୍ପାଦିତ ସାମଗ୍ରୀ ଦେଶର ଭିତ୍ତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କିନ୍ତୁ ଏଥିପାଇଁ ଆମଦାନୀ ଉପରେ ନିର୍ଭରଶୀଳ ନ ହୋଇ ଆତ୍ମନିର୍ଭରଶୀଳ ହୋଇ









ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଆବଶ୍ୟକ। ଏହାଛଡ଼ା ଖଣିଜ ପଦାର୍ଥରୁ ସଂଗୃହୀତ କଞ୍ଚାମାଲ ପର୍ଯ୍ୟାପ୍ତ ଉପଲବ୍ଧ ହେଲେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଓୟୁଏଟିର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଧାନ ଓ ଗହମ କ୍ଷେତ୍ରରେ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ଏହାର ଗୁଣାତ୍ମକ ବିକାଶ ହେଲେ ଆମେ ନିଜର ଗୁଜୁରାଣ ମେଣ୍ଟାଇବା ସହ ବଳକା ଶସ୍ୟ ବାହାରକୁ ରପ୍ତାନି କରିପାରିବା। ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଉତ୍ପାଦନ ଆମକୁ ବୃଦ୍ଧି କରିବାକୁ ହେବ। ଚାଷୀଙ୍କ ସଚେତନତା ସହ ବୈଜ୍ଞାନିକ ପରାମର୍ଶ ଓ ଉଦ୍ଭାବନ ନୂତନ କୃଷି ଯନ୍ତ୍ରପାତି ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ସେ ମତ ଦେଇଛନ୍ତି। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ଯୋଗଦେଇ ପାଣିପାଗ ବିଜ୍ଞାନର ଅଗ୍ରଗତି ଯୋଗୁ ଆଜି ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନେକ ସୁଧାର ଆସିଛି ବୋଲି କହିଛନ୍ତି। ଠିକ ଆକଳନ ଯୋଗୁ ବିପର୍ଯ୍ୟୟ କବଳରୁ ଅନେକ ଧନଜୀବନ ହାନି ରୋକା ଯାଇପାରିଛି। ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶୈଳେଶ କୁମାର ମାଳବ୍ୟ ଏହି ୱେବିନାରରେ ଅଧ୍ୟକ୍ଷତା କରିଥିବାବେଳେ ଗଣମାଧ୍ୟମ ଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ।

# ପରିତ୍ୟକ୍ତ ଗାଡ଼ି ଉଠାଇବାକୁ ସ୍ପେଶାଲ ଡ୍ରାଇଭ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ରାଜଧାନୀର ଅନେକ ସ୍ଥାନରେ ରାସ୍ତାପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ଅନେକ ଗାଡ଼ି ପଡ଼ିରହୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡିକ ପଡ଼ିରହୁଥିବାରୁ ବହୁ ଜାଗା ମାଡ଼ିବସୁଛି, ଯାହାକି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏଥିପାଇଁ ଅନେକ ଦୁର୍ଘଟଣା ଘଟିବାର ମଧ୍ୟ ନଜିର ରହିଛି। ଏଭଳି ସମସ୍ୟାକୁ ନେଇ ବହୁବାର ଅଭିଯୋଗ ହେବାପରେ ଏନେଇ କମିଶନରେଟ୍ ପୋଲିସର ଚେତା ପଶିଛି। କମିଶନରେଟ ପୋଲିସ ପକ୍ଷରୁ ଶନିବାରଠାରୁ ଏକ ୭ଦିନିଆ ସ୍ପେଶାଲ୍ ଡ୍ରାଇଭ ଆରମ୍ଭ କରାଯାଇଛି ବୋଲି ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍ପେଶାଲ ଡ୍ରାଇଭରେ ରାସ୍ତା ପାର୍ଶ୍ୱରେ ଦୀର୍ଘଦିନ ଧରି ପଡ଼ିରହିଥିବା ଗାଡିଗୁଡ଼ିକୁ ହଟାଇନେବାକୁ ମାଲିକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଦିଆଯାଉଛି। ପ୍ରାଥମିକଭାବେ ସେମାନଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯାଉଛି। ଏହାସତ୍ତ୍ୱେ ଯଦି ଗାଡ଼ିମାଲିକ ଅମାନିଆ ହୋଇ ରାସ୍ତାପାର୍ଶ୍ୱରୁ ଗାଡ଼ି ନ ଉଠାନ୍ତି, ତେବେ ପୋଲିସ କ୍ରେନ୍ ସାହାଯ୍ୟରେ ଗାଡ଼ି ଉଠାଇନେଇ ଏକ ଡମ୍ପିଂ ୟାର୍ଡରେ ରଖିବ। ପରେ ସମ୍ପୃକ୍ତ ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯାଇ ଗାଡ଼ି ଛଡ଼ା ଯିବ। ଗାଡ଼ି ଉଠାଇବା ସମୟରେ ହୋଇଥିବା ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ଗାଡ଼ିମାଲିକ ବହନ କରିବେ। ଏଥିସହ ମେଶିନ୍ ମାଧ୍ୟମରେ ଗାଡ଼ି ଉଠାଇବା ସମୟରେ ଗାଡ଼ିର ଯଦି କିଛି କ୍ଷତି ହୁଏ ସେଥିପ୍ରତି ପୋଲିସ ଦାୟୀ ରହିବ ନାହିଁ।

### ଟୁଇଟର୍, ଫେସ୍‌ବୁକ୍, ୧୦୦ ଡାଏଲ କରି ଜଣାନ୍ତୁ

ନିୟମ ଅନୁସାରେ ଯଦି କୌଣସି ଗାଡ଼ି ୧୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ରଖାଯାଏ, ତେବେ ଏହା ପରିତ୍ୟକ୍ତ ଗାଡ଼ିଭାବେ ପରିଗଣିତ ହେବ। ତେଣୁ ଯଦି କୌଣସି ଅଞ୍ଚଳରେ କିମ୍ବା ରାସ୍ତା ଉପରେ ପରିତ୍ୟକ୍ତ ଅବସ୍ଥାରେ ଗାଡ଼ି ପାର୍କିଂ ହୋଇ ରହିଛି, ତେବେ ସାଧାରଣ ଲୋକେ କମିଶନରେଟ ପୋଲିସକୁ ସୂଚନା ଦେଇପାରିବେ। ଏଥିପାଇଁ ଟୁଇଟର୍, ଫେସ୍‌ବୁକ୍ କିମ୍ବା ଫୋନ୍‌ରେ ୧୦୦ ଡାଏଲ କରି ଜଣାଇପାରିବେ। ପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ଗାଡ଼ିକୁ ହଟାଇ ଦିଆଯିବ ବୋଲି ଡିସିପି ସୌମ୍ୟା ମିଶ୍ର କହିଛନ୍ତି।




- ପ୍ରଥମ ଦିନରେ ଉଠିଲା ୩୦ରୁ ଊର୍ଦ୍ଧ୍ୱ ଗାଡ଼ି
- ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି
- ଟୁଇଟର, ଫେସ୍‌ବୁକ୍, ୧୦୦ ଡାଏଲ କରି ଜଣାନ୍ତୁ: ଟ୍ରାଫିକ୍ ଡିସିପି

ଡ୍ରାଇଭ୍‌ର ପ୍ରଥମ ଦିନରେ ବରମୁଣ୍ଡା, ରସୁଲଗଡ଼ ଏବଂ କଳ୍ପନା ଅଞ୍ଚଳରୁ ୩୦ରୁ ଊର୍ଦ୍ଧ୍ୱ ଗାଡ଼ି ଉଠାଯାଇଛି। ଆଗାମୀ ଦିନରେ ଏହି ଡ୍ରାଇଭକୁ ବ୍ୟାପକ କରାଯିବା ସହ ସହରର ସମସ୍ତ ସ୍ଥାନରୁ ଏଭଳି ବେଆଇନ ପାର୍କିଂ ଉଚ୍ଛେଦ କରାଯିବ। ଡ୍ରାଇଭର ପ୍ରଥମ ଦିନରେ ଟ୍ରାଫିକ ପୋଲିସ ଫୋକସ୍‌ରେ ବରମୁଣ୍ଡା ବସ୍ ଷ୍ଟାଣ୍ଡ ରହିଥିଲା। ବସ୍‌ଷ୍ଟାଣ୍ଡ ସାମ୍ନା ରାସ୍ତାରେ ମାସମାସ ଧରି ଅଚଳ ଅନେକ ବସ୍ ପରିତ୍ୟକ୍ତ ଭାବେ ପଡ଼ିରହିଛି। ବସ୍‌ଗୁଡ଼ିକୁ ପୋଲିସ ଉଠାଇନେବା ସମୟରେ କିଛି ସମୟ ପାଇଁ ବସ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଡିସେମ୍ବର ୨୦୨୦

## ମେଡିକାଲ ଷ୍ଟୋର ରୁମ୍‌ରେ ଅଗ୍ନିକାଣ୍ଡ

ନିମାପଡା, (ଡି.ଏନ୍.ଏ.): ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଷ୍ଟୋରରୁମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଓ ମେଡିକାଲର କେତେଜଣ କର୍ମଚାରୀ କହିଛନ୍ତି।



## ସଂକ୍ଷେପରେ

### ହୋଟେଲରେ ଗଞ୍ଜେଇ ବେପାର, ୩ ଗିରଫ

ପୁରୀ ଅଫିସ,୧୯।୧୨: ପୁରୀ ସହରସ୍ଥ ଏକ ହୋଟେଲରେ ଗଞ୍ଜେଇ ଆଡ୍ଡା ଠାବ କରିଛି ପୋଲିସ। ସେଠାରୁ ୧ କିଲୋ ୧୨୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୁମ୍ଭାରପଡ଼ା ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଏହି ହୋଟେଲରେ ଚଢ଼ାଉ କରିଥିଲା। କାଳିଆ ନାମକ ଯୁବକ ଗଞ୍ଜେଇ କାରବାର ଚଳାଇଥିବା ବେଳେ ତାଙ୍କୁ ଲିପୁ ଓ ଗୋପାଳ ସାହୁ ସହଯୋଗ କରୁଥିଲେ। ଏମାନେ ହୋଟେଲ ଭିତରେ ପେପର୍, ବିଡ଼ି, ଶସ୍ତା ସିଗାରେଟ୍ ଓ ଗଞ୍ଜେଇ ଦ୍ୱାରା ଏହାକୁ ପ୍ରସ୍ତୁତ କରୁଥିଲେ। କାଗଜ ପୁଡ଼ିଆରେ ଗଞ୍ଜେଇ ରଖି ସହରର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି।

# ସୂର୍ଯ୍ୟମନ୍ଦିର ସ୍ଥିତି ପରଖିଲେ ପୂର୍ତ୍ତ ସଚିବ

କୋଣାର୍କ,୧୯।୧୨(ଡି.ଏନ୍.ଏ.)



ପୂର୍ତ୍ତ ସଚିବ ଓ ଜିଲାପାଳ ସୂର୍ଯ୍ୟମନ୍ଦିରର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

କୋଣାର୍କ ସୂର୍ଯ୍ୟମନ୍ଦିରର ସ୍ଥିତି ପରଖିବା ପାଇଁ ଶନିବାର ପୂର୍ବାହ୍ନରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଆସିଥିଲେ। ସୂର୍ଯ୍ୟମନ୍ଦିର ସଂରକ୍ଷଣ ଆଳରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏଏସ୍ଆଇ ଅବହେଳା ପ୍ରଦର୍ଶନ କରିଆସୁଥିବା କୋଣାର୍କ ସୁରକ୍ଷା ସମିତି ଓ କୋଣାର୍କ ଆଞ୍ଚଳିକ ବିକାଶ ପରିଷଦ ଅଭିଯୋଗ କରିଆସୁଛନ୍ତି। ନାଟ୍ୟ ମନ୍ଦିର, ଦକ୍ଷିଣ ଦ୍ୱାର, ହାତୀ ଦ୍ୱାର, ଜଗମୋହନ ଦ୍ୱାର ବୁଲି ଦେଖିବା ପରେ ମନ୍ଦିର ଚୂଡ଼ା ଉପରକୁ ଯାଇ ସ୍ଥିତି ପରଖିଥିଲେ। ଏଏସ୍ଆଇ କୋଣାର୍କ ପାଇଁ ବହୁତ କାମ ନେଇଛି । ଗତ କିଛିଦିନ ହେଲା ସୂର୍ଯ୍ୟମନ୍ଦିରରେ ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ମନ୍ଦିର ଭିତରେ ଲେଜର ସ୍କାନିଂ ଚାଲିଛି। ଜଗମୋହନ ଭିତରୁ ବାଲି ବାହାରିବ କି ନାହିଁ ସେ ବିଷୟରେ ପରେ ଜଣାପଡିବ ବୋଲି ଅଧିକାରୀମାନେ କହିଛନ୍ତି। ଟେକ୍ନିକାଲ କାମ ପାଇଁ ଆଇଆଇଟି ମାଡ୍ରାସ, ରୁରକି, ସିବିଆରଆଇର ମତାମତ ନିଆଯାଇ ଯାହା ନିଷ୍ପତ୍ତି ନେବ ଏଏସ୍ଆଇ। ସୂଚନା ଥାଉକି କରୋନା କଟକଣା ଯୋଗୁ ଗତ ୬ମାସ ହେଲା ବନ୍ଦ ରହିଥିଲା ଏହାର ସଂରକ୍ଷଣ କାର୍ଯ୍ୟ। ଅନୁଧ୍ୟାନ ବେଳେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ତହସିଲଦାର ପ୍ରେମାଂଶୁ ଚାନ୍ଦ, ଏଏସ୍ଆଇ ସଂରକ୍ଷଣ ଅଧିକାରୀ ନୀରଜ ସିଂ ଏବଂ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ମଙ୍ଗଳା ମନ୍ଦିର ଖୋଲିବା ନେଇ ବୈଠକ

କାକଟପୁର,୧୯।୧୨(ଡି.ଏନ୍.ଏ.)



ପୁରୀ ଜିଲାରେ ସମସ୍ତ ମନ୍ଦିର ଜାନୁଆରୀ ୨୩ରେ ଖୋଲିବାକୁ ଜିଲାପାଳଙ୍କ ଘୋଷଣା ପରେ କାକଟପୁର ମା’ ମଙ୍ଗଳା ମନ୍ଦିରର ଟ୍ରଷ୍ଟବୋର୍ଡ ସଦସ୍ୟ, ସେବାୟତଙ୍କୁ ନେଇ ଏକ ଜରୁରୀ ବୈଠକ ହୋଇଛି। ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ତଥା ତହସିଲଦାର ବିରଞ୍ଚିନାରାୟଣ ବେହେରାଙ୍କ ସଭାପତିତ୍ୱରେ ଶନିବାର ସ୍ଥାନୀୟ ଜଳସେଚନ ଡାକବଙ୍ଗଳାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଖୋଲିଲେ କ’ଣ ବ୍ୟବସ୍ଥା ରହିବ ତା’ଉପରେ ଆଲୋଚନା ହେଇଥିଲା। ସେହି ନିଷ୍ପତ୍ତିଗୁଡିକ ହେଲା ସମସ୍ତ ଭକ୍ତମାନେ ବ୍ୟାରିକେଡ ମାଧ୍ୟମରେ ପୂର୍ବ ଦ୍ୱାର ଦେଇ ହ୍ୟାଣ୍ଡ ସାନିଟାଇଜ କରି ମନ୍ଦିରକୁ ସାମାଜିକ ଦୂରତ୍ୱ ରକ୍ଷା କରି ପ୍ରବେଶ କରିବେ। ସିଂହ ପାଖରେ ମା’ଙ୍କୁ ଦର୍ଶନ କରି ସେହି ବ୍ୟାରିକେଡ ମାଧ୍ୟମରେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ମାସ୍କ ନ ଥିଲେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ମନା। କେବଳ ସେବାୟତମାରେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଜାନୁଆରୀ ୧୫ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ନୂଆବର୍ଷରେ ଦର୍ଶନ ବନ୍ଦ କିମ୍ବା ଖୋଲା ରହିବ ପରିସ୍ଥିତିକୁ ଦେଖି ମନ୍ଦିର ଟ୍ରଷ୍ଟି ନିଷ୍ପତ୍ତି ନେବେ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏଥିରେ କାକଟପୁର ଥାନା ଏସ୍ଆଇ ଏମ୍. ସି. ଲେଙ୍କା, ଡା. ଆଶିଷ ମହାପାତ୍ର, ମନ୍ଦିରର ବର୍ତ୍ତମାନର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ସିଂହ, ଉପଦେଷ୍ଟା କମିଟି ସଦସ୍ୟ ମାନସ ଦୀକ୍ଷିତ,ଲଳିତ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ସେବକ ସମିତି ସଭାପତି ମନୋରଂଜନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ନଦୀ ପଠାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ସାଲେପୁର, ୧୯।୧୨(ଡି.ଏନ୍.ଏ.) - ସାଲେପୁର ବାଲିସାହି ପଞ୍ଚାୟତ ନିକଟ ଚିତ୍ରୋତ୍ପଳା ନଦୀ ପଠାର ଏକ ଗଛରୁ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ସ୍ଥାନୀୟ ମାଛୁଆଡି ଗ୍ରାମର କାର୍ତ୍ତିକ କାଣ୍ଡିଙ୍କ ପୁଅ ରାଜେଶ (୨୧)। ଶୁକ୍ରବାର ଠାରୁ ସେ ନିଖୋଜ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୩୪/୨୦)ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।



ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଭନିତା ଶ୍ରୀନିବାସନ ଶ୍ରୀମନ୍ଦିର ସମ୍ମୁଖରେ ଶନିବାର ପତିତପାବନଙ୍କ ଦର୍ଶନ କରୁଛନ୍ତି।

### ସେତୁ ଶିଳାନ୍ୟାସର ୨୪ଘଣ୍ଟା ମଧ୍ୟରେ ଫଳକ ଗାଏବ

ନିମାପଡ଼ା,୧୯।୧୨(ଡି.ଏନ୍.ଏ.)

ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୫ କୋଟି ୨୧ଲକ୍ଷ ୩୩ହଜାର ଟଙ୍କା ବ୍ୟୟରେ ତମ୍ପାଳୋ ଛକଠାରେ କାଦୁଆ ନଦୀ ଉପରେ ନୂତନ ସେତୁ ନିର୍ମାଣ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏହାକୁ କେତେଜଣ ଦୁର୍ବୃତ୍ତ ସେତୁ ନିର୍ମାଣ ସ୍ଥଳରୁ ଶିଳାନ୍ୟାସ ହୋଇଥିବା ଫଳକଟିକୁ ତାଡ଼ି ନେଇଯାଇଛନ୍ତି। ଏହି ଘଟଣାକୁ ପୂର୍ତ୍ତ ବିଭାଗ, ଠିକାଦାର ଓ ସ୍ଥାନୀୟ ଲୋକେ ଆଚମ୍ବିତ ହୋଇପଡ଼ିଛନ୍ତି। ଏ ନେଇ ମନ୍ତ୍ରୀ ଦାଶ କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା। ବିରୋଧୀ ପକ୍ଷ ଅସହିଷ୍ଣୁତା ହୋଇ ଫଳକ ନେଇଗଲେ ସିନା ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ହେବନି ବୋଲି ସେ କହିଛନ୍ତି ।

# ମହାପ୍ରଭୁଙ୍କ ଘୋଡ଼ଲାଗି ଅଧିବାସ ନୀତି ସମ୍ପନ୍ନ

ପୁରୀ ଅଫିସ,୧୯।୧୨:

ମାର୍ଗଶିର ଶୁକ୍ଳ ପଞ୍ଚମୀ ତିଥିରେ ଶନିବାର ଶ୍ରୀମନ୍ଦିରରେ ଠାକୁରଙ୍କ ରାତ୍ର ଚନ୍ଦନ ଲାଗି ପରେ ଘୋଡ଼ଲାଗି ଅଧିବାସ ନୀତି ସମ୍ପନ୍ନ ହୋଇଛି। ଏହି ନିତିକାନ୍ତିକୁ ଓଢ଼ଣ ଲାଗି ଉତ୍ସବ କୁହାଯାଏ। ଏହି ଉତ୍ସବ ଷଷ୍ଠୀରେ ପାଳନ ହେଉଥିଲେ ମଧ୍ୟ ଏହାର ଅଧିବାସ ବିଧି ପଞ୍ଚମୀ ଅର୍ଥାତ୍ କୁରାଳ ପଞ୍ଚମୀରେ ପାଳିତ ହୋଇଥାଏ। ଶନିବାର ମହାପ୍ରଭୁଙ୍କର ମଇଲମ ହୋଇ ଚନ୍ଦନ ଲାଗି ହେବା ପରେ ଘୋଡ଼ ଅଧିବାସ ନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା ସାମନ୍ତ ଆସି ୩ଟି ମଣ୍ଡଳ କାଟିବା ପରେ ଭଣ୍ଡାର ମେକାପ ଘୋଡ଼ଗୁଡିକୁ ଚାଙ୍ଗଡ଼ାରେ ରଖି ମଣ୍ଡପ ଉପରେ ରଖିଥିଲେ। ଏହାପରେ ବିଧି ହୋଇଥିଲା ଓ ଖସା ମହୋଣି ବଢ଼ି ଆଳତି ହେବା ପରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା।

### ନିମାପଡ଼ାରୁ ଅପହୃତା ନାବାଳିକା କୃଷ୍ଣପ୍ରସାଦରୁ ଉଦ୍ଧାର

ନିମାପଡ଼ା,୧୯।୧୨(ଡି.ଏନ୍.ଏ)- ନିମାପଡ଼ା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଶୁକ୍ରବାର ରାତିରେ କୃଷ୍ଣପ୍ରସାଦରୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଅପହରଣକାରୀ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହାସହ ଉଭୟ ନାବାଳିକା ଓ ଅପହରଣକାରୀଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ଡାକ୍ତରଖାନାକୁ ପଠାଇଛି। ସୂଚନାଯୋଗ୍ୟ, ଗତ ୨୫ତାରିଖରେ ନିମାପଡ଼ା ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏହି କଥା ନାବାଳିକାଙ୍କ ପରିବାର ଲୋକ ଜାଣିବା ପରେ ଯୁବକଙ୍କ ବାପାଙ୍କୁ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ନାନା ଧମକ ଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଝିଅକୁ ଅପହରଣ କରିନେଇଥିବା ନେଇ ଯୁବକଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ନଂ.୨୯୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଶୁକ୍ରବାର ରାତିରେ ବିଶେଷ ସୂତ୍ରରୁ ଯୁବକ ଜଣକ ନାବାଳିକାଙ୍କୁ କୃଷ୍ଣପ୍ରସାଦ ଅଞ୍ଚଳରେ ଲୁଚାଇଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି ଉଦ୍ଧାର କରିଥିଲା।

# ବିଦ୍ୟୁତ୍ ବିଭାଗ ପକ୍ଷରୁ ଗାଁ ଚାଲ ଅଭିଯାନ

କଣାସ,୧୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)– ଟିପି ସେଣ୍ଟ୍ରାଲ ଓଡ଼ିଶା ଯୋଗାଣ ନିର୍ଦ୍ଦେଶକ୍ରମେ ପୁରୀ ବିଦ୍ୟୁତ୍ ବିଭାଗ ପକ୍ଷରୁ ‘ଗାଁ ଚାଲ ଅଭିଯାନ’ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ଧରି ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବିଲ୍ ପଡିରହିବା ଓ ତା’ର ସଂଶୋଧନ କରାଯିବା, କେତେକ ଉପଭୋକ୍ତ ଅର୍ଥରାଶି ପୈଠ କରିଥିଲେ ମଧ୍ୟ ବିଲ୍‌ରୁ ଅର୍ଥ ରାଶି କଟି ନ ଥିବା, ନୂତନ ଉପଭୋକ୍ତା ପାଇଁ ଅର୍ଥ ପୈଠ କରିବା ଓ ଆପତ୍ତି ଅଭିଯୋଗକୁ ଶୁଣିବା ନେଇ ଶନିବାର କଣାସ ବ୍ଲକ ପରିସରରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ପ୍ରକୋଷ୍ଠରେ ଡେଲାଙ୍ଗ ଓ କଣାସ ବ୍ଲକର ୧୪୬ଜଣ ଉପଭୋକ୍ତା ଅଭିଯୋଗ କରିଥିଲେ। କେତେକ ସମସ୍ୟାର ସମାଧାନ କରାଯାଇଥିବା ବେଳେ ଆହୁରି ଅନେକ ସମସ୍ୟା ସମାଧାନ କରାଯିବ ବୋଲି ବିଦ୍ୟୁତ୍ ଅଧିକାରୀମାନେ କହିଥିଲେ। କେତେକ ଉପଭୋକ୍ତାଙ୍କଠାରୁ ବକେୟା ଅର୍ଥରାଶି ଆଦାୟ କରାଯାଇଥିଲା। ଏହି ଶିବିରରେ ପୁରୀ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ, ସହକାରୀ ଯନ୍ତ୍ରୀ ବସନ୍ତ ଦାଶ, ଏଏମ୍‌ସି ମାନସୀ ଦାସ,ଏଆଇଓ ବିଶ୍ୱନାଥ ମିଶ୍ର, ସିଏସ୍‌ଏମ କାଦମ୍ବିନୀ ବାରିକ, ସିଆର୍‌ଇ ଶାନ୍ତି ମିଶ୍ର, କିରାଣୀ ମନମତ୍ ତ୍ରିପାଠୀ, ଅମିୟ ନାୟକ, କଣାସ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ଜେନା, ଡେଲାଙ୍ଗ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ ସାବତ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

### ଶ୍ରୀକ୍ଷେତ୍ର ସାଂସ୍କୃତିକ ଐତିହ୍ୟ ଗ୍ରନ୍ଥର ସମୀକ୍ଷା ସମାରୋହ

ପୁରୀ ଅଫିସ,୧୯।୧୨

ଶ୍ରୀଗୁଣ୍ଡିଚା ଅତିଥି ବିହାରରେ ଶନିବାର ଶ୍ରୀକ୍ଷେତ୍ର ସାଂସ୍କୃତିକ ଐତିହ୍ୟ ଗ୍ରନ୍ଥର ଲୋକାର୍ପଣ ଓ ସମୀକ୍ଷା ସମାରୋହ ଆୟୋଜିତ ହୋଇଯାଇଛି। ଶ୍ରୀକ୍ଷେତ୍ର ଓ ଜଗନ୍ନାଥ ସଂସ୍କୃତି ଉପରେ ଲିଖିତ ଏହି ପୁସ୍ତକ ପ୍ରାଚୀନ ଉତ୍କଳ ଓ ଶ୍ରୀକ୍ଷେତ୍ର ସମ୍ପର୍କରେ ବିସ୍ତୃତ ପରିଚୟ ଦେବାରେ ସକ୍ଷମ ହୋଇପାରିବ ବୋଲି ଅତିଥିମାନେ ମତ ରଖିଛନ୍ତି। ବିଶେଷ ଭାବେ ଜଗନ୍ନାଥ ସଂସ୍କୃତି କିପରି ଉତ୍କଳର ପରିଚୟ ପାଲଟିଛି ଏବଂ ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର, ଶରଧାବାଲି ଭଳି ପ୍ରସଙ୍ଗ ପୁସ୍ତକରେ ଗୁରୁତ୍ୱ ପାଇଛି। ପୁରୀର ସାହିଯାତ ଓ ଧାର୍ମିକ ପରମ୍ପରା ସମ୍ପର୍କରେ ମଧ୍ୟ ପୁସ୍ତକଟି ଗୁରୁତ୍ୱ ଦେଇଛି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ରାଧାଶ୍ୟାମ ମଠର ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କ ସମେତ ଅନେକ ବିଦ୍ୱାନ ଯୋଗଦେଇଥିଲେ।

# କୁମ୍ଭକାରଙ୍କ ପର୍ବ କୁରାଳ ପଞ୍ଚମୀ ଆରମ୍ଭ



ପୁରୀ ଅଫିସ,୧୯।୧୨

କୁମ୍ଭକାରମାନଙ୍କ ବଡ଼ ପର୍ବ କୁରାଳ ପଞ୍ଚମୀ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ପର୍ବ ୫ଦିନ ଧରି ଚାଲିବ। ସ୍ଥାନୀୟ କୁମ୍ଭାରପଡ଼ା, ଜେନାପୁର, ଟିକରପଡ଼ା ଓ ନୂଆସାହି ଅଞ୍ଚଳରେ କୁମ୍ଭକାରମାନେ ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। କୁମ୍ଭକାରମାନେ ସେମାନଙ୍କର ଚକ, ହାଣ୍ଡିଗଢ଼ା ସରଞ୍ଜାମ, ପିଣ୍ଡ–ପିଟଣାକୁ ପୂଜାରେ ବସାଇ ନିଜ ଇଷ୍ଟ ଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜା ଆରାଧନା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ପର୍ବ ପାଳନ ପାଇଁ ୧୦ଟି ପୂଜାମଣ୍ଡପ କରାଯାଇଛି। ହୋମଯଜ୍ଞ ସହ ଉଜ୍ଜ୍ୱଳ ଆଲୋକମାଳାରେ ମଣ୍ଡପ ଝଲସୁଛି। ପରମ୍ପରା ଅନୁଯାୟୀ କୁମ୍ଭକାରମାନଙ୍କର ମାଟି କାମ ଏହି ୫ ଦିନ ଧରି ବନ୍ଦ ରହିବ। ଠାକୁରଙ୍କ ପାଖରେ ୫ ଦିନ ଧରି ସଞ୍ଜୁଡ଼ି ଭୋଗ ହେବ। ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହିପଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଭୋଗ କରାଯିବ। ଦଶମୀରେ ଠାକୁରଙ୍କ ବିସର୍ଜନ କରାଯିବ। ପୂଜାର ତୃତୀୟ ଦିନରେ ଭଜନ ସମାରୋହ ହେବାର କାର୍ଯ୍ୟକ୍ରମ ରହିଛି।

# ନକଲି ସୋୟାବଡ଼ି କାରଖାନା ଠାବ

କଟକ ଅଫିସ,୧୯।୧୨

ଜଗତ୍‌ପୁର ଶିଳ୍ପାଞ୍ଚଳ ଫେଜ୍–୨ରେ ଥିବା ମେୟକ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ନାମକ ଏକ ନକଲି ସୋୟାବଡି କାରଖାନାକୁ ଶନିବାର ପୋଲିସ ଠାବ କରିଛି। ଦୀର୍ଘଦିନ ଧରି ସେଠାରେ ବେଆଇନ ଭାବେ ଉକ୍ତ କାରଖାନା ଚାଲୁଥିଲା। ଖବରପାଇ ଅପରାହ୍ନରେ ମାଲଗୋଦାମ ଓ ଜଗତ୍‌ପୁର ପୋଲିସ ମିଳିତ ଭାବେ ସେଠାରେ ଚଢାଉ କରିଥିଲା। ଚଢାଉବେଳେ ସେଠାରୁ ନାମୀଦାମୀ କମ୍ପାନୀର ଲୋଗୋ, ଯନ୍ତ୍ରାଂଶ ସମେତ ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ପ୍ରାୟ ୫୦୦ ବସ୍ତା ସୋୟାବଡି, ୧୫୦ ବସ୍ତା ରାସାୟନିକ ସାମଗ୍ରୀ, ୪୦ ବସ୍ତା ଚାଉଳ ଗୁଣ୍ଡ ରହିଛି। ଏହି ଘଟଣାରେ ପୋଲିସ କାରଖାନା ମାଲିକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଜଗତ୍‌ପୁର ଥାନାରେ ଏକ ମାମଲା(ନଂ.୫୩୧/୨୦) ରୁଜୁ ହୋଇଥିବା ଥାନାଧିକାରୀ ରବୀନ୍ଦ୍ର ମେହେର କହିଛନ୍ତି। ଏହି ଚଢାଉରେ କଟକ କମିଶନରେଟ ପୋଲିସର ଜୋନ–୧ ଏସିପି ଅମରେନ୍ଦ୍ର ପଣ୍ଡା ଓ ମାପ ଓଜନ ଅଧିକାରୀ ଉତ୍କଳ କେଶରୀ ମହାନ୍ତି ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, କଟକର ବିଭିନ୍ନ କାରଖାନାରେ ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି। ଦୀର୍ଘଦିନ ହେବ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ ସୁରାକ ପାଇପାରୁନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପରୀକୁ ନ୍ୟାୟ ଦାବିରେ ଭାଜପାର ପଦଯାତ୍ରା

ନିମାପଡ଼ା/କାକଟପୁର, ୧୯।୧୨(ଡି.ଏନ୍.ଏ.)

ପରୀକୁ ନ୍ୟାୟ ପ୍ରଦାନ, ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଓ ଗିରଫ, ଏହି ଘଟଣାର ସିବିଆଇ ତଦନ୍ତ କରିବା ଦାବିରେ ନିମାପଡ଼ା ଭାଜପା ପକ୍ଷରୁ ପଦଯାତ୍ରା କରାଯାଇଥିଲା। ଏହି ପଦଯାତ୍ରା ପ୍ରଭୁ ବାସୁଦେବଙ୍କ ମନ୍ଦିରଠାରୁ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରି ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ଜିଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି ମାନସ ପ୍ରଧାନ, ଦିଲୀପ ପାତ୍ର, ଯତୀନ୍ଦ୍ର ସ୍ୱାଇଁ, ଝିଲିଲତା ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିଭଳି କାକଟପୁର ଯୁବ ଭାଜପା ସଭାପତି ରାକେଶ ବିଶ୍ୱାଳ, ରଣଜିତ ପଟ୍ଟନାୟକ, ସୁବାସ ନାୟକ, ରଶ୍ମି ଗୋଚ୍ଛାୟତ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି କୋଣାର୍କର ବିଭିନ୍ନ ଅଞ୍ଚଳ ବୁଲି ସ୍ଲୋଗାନ ଦେଇଥିଲେ।



ପୁରୀ ବଳଗଣ୍ଡି ହାଇସ୍କୁଲରେ ଶନିବାର ଆୟୋଜିତ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା ।

# ଲୋକ ଅଦାଲତ: ୪୫୫ ମାମଲାର ଶୁଣାଣି

ପୁରୀ ଅଫିସ,୧୯।୧୨



ଲୋକ ଅଦାଲତରେ ଅଭିଯୋଗ ଶୁଣାଣି କରାଯାଉଛି ।

ପୁରୀ ସିଭିଲ୍ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ପରିବାର ଅଦାଲତର ବିଚାରପତି ଏସ୍. କେ.ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୩୧ ଋଣ ଖିଲାପକାରୀଙ୍କଠାରୁ ୨୩ ଲକ୍ଷ ୪୨ ହଜାର ଟଙ୍କା ଆଦାୟ ହୋଇଛି। ସେହିଭଳି ୯୧ଟି ଜାମିନ ଯୋଗ୍ୟ ମାମଲାର ଫଇସଲା କରାଯାଇଛି। ୪୩ଟି ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆକ୍ଟ, ୪୨ଟି ବ୍ୟାଙ୍କ ରିକଭରି ମାମଲା ଫଇସଲା କରାଯାଇ ଯଥାକ୍ରମେ ୧୮ ଲକ୍ଷ ୪୩ ହଜାର ୯୬୦ ଏବଂ ୭୭ ଲକ୍ଷ ୯୫ ହଜାର ୫୭୪ ଟଙ୍କା ଆଦାୟ କରାଯାଇଛି। ୭୭ଟି ମୋଟର ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୩୨ ଲକ୍ଷ ୬୦ ହଜାର ୯ ଶହ ଟଙ୍କା ଆଦାୟ ହୋଇଛି। ୨୮ଟି ପାରିବାରିକ ମାମଲା, ୫୮ଟି ଦେୱାନୀ ମାମଲା ଓ ୮୩ଟି ଅନ୍ୟାନ୍ୟ ଫୌଜଦାରି ମାମଲାର ଶୁଣାଣି କରାଯାଇଛି। ସର୍ବମୋଟ୍ ୪୫୫ଟି ମାମଲାର ଫଇସଲା କରାଯାଇ ୩ କୋଟି ୫୨ ଲକ୍ଷ ୪୨ ହଜାର ୪ଶହ ୩୪ଟଙ୍କା ଆଦାୟ ହୋଇଛି। ୨୧ଜଣ ବିଚାରପତି ବିଭିନ୍ନ ମାମଲାର ଫଇସଲା କରିଥିବାବେଳେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଅଦାଲତ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପରୀ ପଦଯାତ୍ରାରେ ସାମିଲ ହେବେ ୧୫୦୦ କର୍ମୀ

**ଖୋର୍ଦ୍ଧା ଅଫିସ,୧୯।୧୨:** ନୟାଗଡ଼ ଜିଲା ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରିଛି ଭାରତୀୟ ଜନତା ପାର୍ଟି(ଭାଜପା)। ପରୀକୁ ନ୍ୟାୟ ଦାବିରେ ଭାଜପା ପକ୍ଷରୁ ଏକ ପଦଯାତ୍ରା ରବିବାର ଭୁବନେଶ୍ୱରରୁ ବାହାରି ନୟାଗଡ଼ ଯଦୁପୁର ଗାଁରେ ପହଞ୍ଚିବ। ଆସନ୍ତା ୨୧ତାରିଖରେ ଏହି ପଦଯାତ୍ରା ଖୋର୍ଦ୍ଧାରେ ପହଞ୍ଚିବ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ଏହି ପଦଯାତ୍ରାରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହେବେ ବୋଲି ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ କହିଛନ୍ତି। ଶନିବାର ମଳିପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ରାଜ୍ୟ ଉପସଭାପତି ତଥା ଜିଲା ପ୍ରଭାରୀ ଭୃଗୁ ବକ୍ସିପାତ୍ର ଯୋଗଦେଇ କହିଥିଲେ, ରାଜ୍ୟରେ ୫୩୦୦ରୁ ଊର୍ଦ୍ଧ୍ୱ ଶିଶୁ ନିଖୋଜ ଅଛନ୍ତି। ପ୍ରତିଦିନ ମହିଳା, ଶିଶୁଙ୍କ ନିର୍ଯାତନା ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପରୀକୁ ନ୍ୟାୟ ଦେବା ଲାଗି ବାହାରିବାକୁ ଥିବା ପଦଯାତ୍ରାର ସଫଳତା କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଗଗନ ମଲ୍ଲ, କେଳୁ ଜଗଦେବ, ସୂର୍ଯ୍ୟ ନାରାୟଣ ଦାଶ, କିଶୋର ବରାଳ, ଜାନକୀ ବଲ୍ଲଭ ବେହେରା, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ଘଟଣା: ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୧୨:** ଡକାୟତି ଯୋଜନା ଘଟଣାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳର ବାବୁ ଖାନ ଓରଫ ଆଜିମ୍। ସୂଚନାଥାଉ କି, ମାର୍ଚ୍ଚ ୧୫ରେ ନୂଆବସଷ୍ଟାଣ୍ଡ ଟିଏଲ୍‌ସି ନିକଟ ପଡ଼ିଆରେ କେତେଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ଆଦର୍ଶ ଥାନା ପୋଲିସ ଚଢ଼ାଉ କରି ୭ଜଣ ଯୁବକଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲା। ପୋଲିସ ଭୁବନେଶ୍ୱର ୟୁନିଟ-୮ ଅଞ୍ଚଳରେ ରହୁଥିବା ଘରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ବିଲରେ ନିଆଁଲାଗି ଜଳିଗଲା ଧାନ

**ବାଣପୁର,୧୯।୧୨(ଡି.ଏନ୍.ଏ.):** ବାଣପୁର ବ୍ଲକ ଅନ୍ତର୍ଗତ ଖଜୁରିଆ ଗ୍ରାମର ବେଣୁଧର ପ୍ରଧାନ ଅମଳ କରି ଧାନ ବିଲରେ ରଖିଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ହଠାତ୍ କଳେଇ ଗଦାରେ ନିଆଁ ଲାଗି ଯାଇଥିଲା। ଫଳରେ ପ୍ରାୟ ଏକ ଏକରର ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବେଣୁଧରଙ୍କ ଏକ ଏକର ଅମଳ ଧାନ ସହ ପ୍ରଦୀପ ବିଧାରଙ୍କ ତିନି ବସ୍ତା ଧାନ ପୋଡି ପାଉଁଶ ହୋଇଯାଇଥିଲା।

### ଚୋରି: ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୧୨:** ଘରେ ପଶି ଚୋରି କରିବା ଅଭିଯୋଗରେ ଶନିବାର ଖୋର୍ଦ୍ଧା ଟାଉନ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରତିକାନ୍ତ ରାଉତରାୟ (୨୭)। ଗାନ୍ଧୀ ପଡ଼ଆରେ ବୈଜ୍ଞାନିକ ଜାଝାରସିଂହ ପରିବାର ସହ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତ ରତିକାନ୍ତ ତାଙ୍କ ଘରେ ପଶି ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା। ଜାଝାରସିଂହଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୬୦/୨୦)ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଗର୍ଭନଷ୍ଟ ଲାଗି ଧମକ ଅଭିଯୋଗରେ ସ୍ୱାସ୍ଥ୍ୟକର୍ମୀ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୧୨:** ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଏବଂ ଗର୍ଭନଷ୍ଟ ଲାଗି ଧମକ ଦେବା ଅଭିଯୋଗରେ ଶନିବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରିଛି। ସ୍ୱାସ୍ଥ୍ୟ କର୍ମୀଙ୍କ ଘରେ ଯୁବତୀଙ୍କ ବାପା କାମ କରୁଥିଲେ। ଫଳରେ ଯୁବତୀଙ୍କ ସହ ଅଭିଯୁକ୍ତଙ୍କ ପରିଚୟ ହୋଇଥିଲା। ପରେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ସେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ଥିବା ଜଣାପଡିବା ପରେ ତାଙ୍କୁ ଗର୍ଭନଷ୍ଟ ଲାଗି ସ୍ୱାସ୍ଥ୍ୟ କର୍ମୀ ଧମକ ଦେଉଥିଲେ। ଏନେଇ ଯୁବତୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୪୬୧/୨୦) ରୁଜୁକର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଏଥର ଭର୍ଚୁଆଲରେ ବଡ଼ଦିନ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ଆସନ୍ତା ୨୫ ତାରିଖରେ ବଡ଼ଦିନ ପାଳନ ଲାଗି ଚର୍ଚ୍ଚଗୁଡ଼ିକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ୩ ତାରିଖ ପରେ ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଥିଲେ ମଧ୍ୟ ଚର୍ଚ୍ଚଗୁଡ଼ିକରେ କଟକଣା ମଧ୍ୟରେ ଖ୍ରୀଷ୍ଟମାସ ସେଲିବ୍ରେଶନକୁ ଅନୁମତି ମିଳିଛି। ଏହାସତ୍ତ୍ୱେ ଚର୍ଚ୍ଚ ଖୋଲିବାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି କର୍ତ୍ତୃପକ୍ଷ। କେବଳ ଗୋଟିଏ ଦିନ ସର୍ବସାଧାରଣଙ୍କ ପାଇଁ ଚର୍ଚ୍ଚ ଖୋଲିବା ଏବଂ ଭିଡ଼ ନିୟନ୍ତ୍ରଣ କରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହେବ। କମ୍ ସଂଖ୍ୟକ କର୍ମଚାରୀରେ କୋଭିଡ୍ କଟକଣା ପାଳନ କରିବା ଏବଂ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପ୍ରାୟତଃ ଅସମ୍ଭବ ହୋଇପଡ଼ିବ। ତେଣୁ ସରକାରୀ ନିୟମର ଅବମାନନା ଆଶଙ୍କା କରି ଚର୍ଚ୍ଚ ଖୋଲିବା ପରିବର୍ତ୍ତେ ଭର୍ଚୁଆଲରେ ବଡ଼ଦିନ ପାଳନ କରିବାକୁ ଅଧିକାଂଶ ଚର୍ଚ୍ଚ ନିଷ୍ପତ୍ତି ନେଇଛନ୍ତି।

### ଚର୍ଚ୍ଚ ଖୋଲିବାକୁ ନେଇ ଦ୍ୱନ୍ଦ୍ୱରେ କର୍ତ୍ତୃପକ୍ଷ

ବଡ଼ଦିନରେ ଚର୍ଚ୍ଚ ଖୋଲିବାକୁ ହେଲେ ପ୍ରଥମେ ସ୍ଥାନୀୟ ପ୍ରଶାସନର ଅନୁମତି ନେବାକୁ କୁହାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ଯେପରି ଅଧିକ ଲୋକ ଏକତ୍ରିତ ନ ହେବେ ସେ ସଂକ୍ରାନ୍ତରେ ନିଶ୍ଚିନ୍ତ ହେବା ସହ କେତେ ଲୋକଙ୍କୁ ନେଇ ଚର୍ଚ୍ଚଗୁଡ଼ିକ ବଡ଼ଦିନ ପ୍ରାର୍ଥନା କାର୍ଯ୍ୟକ୍ରମ କରିବେ ଏବଂ କେତେ ଲୋକଙ୍କ ପାଇଁ ସେଠାରେ ସ୍ଥାନ ରହିଛି ସେ ନେଇ ସବିଶେଷ ଲିଖିତ ତଥ୍ୟ ଦାଖଲ କରିବେ। ଆବେଦନ ପରେ ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଚର୍ଚ୍ଚଗୁଡ଼ିକୁ ଅନୁମତି ଦିଆଯିବ ଏବଂ ଏହାପରେ ଯାଇ ଚର୍ଚ୍ଚରେ ବଡ଼ଦିନ ପାଳନ କରାଯାଇପାରିବ। ପ୍ରାର୍ଥନା ଗୃହରେ ଯେତିକି ଲୋକଙ୍କ ବସିବା ପାଇଁ ସ୍ଥାନ ରହିଥିବ ତା'ର ଅଧା ଲୋକଙ୍କୁ ନେଇ ପ୍ରାର୍ଥନା କରିବାକୁ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି। ସେହିଭଳି ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ପରିଧାନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଚର୍ଚ୍ଚ କର୍ତ୍ତୃପକ୍ଷ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ କଟକଣାକୁ ସାମାନ୍ୟ କୋହଳ କରିବାକୁ କହିଛନ୍ତି। ଆବଶ୍ୟକ ମାନବସମ୍ବଳ ଏବଂ ସୁରକ୍ଷାକର୍ମୀଙ୍କ ଅଭାବରୁ ଲୋକ ଗହଳିକୁ ନିୟନ୍ତ୍ରଣ କରିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଅସମ୍ଭବ ଆଶଙ୍କା କରି ଅଧିକାଂଶ ଚର୍ଚ୍ଚ ବଡ଼ଦିନ ପାଳନରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଥିବା ଚର୍ଚ୍ଚଗୁଡ଼ିକ ପକ୍ଷରୁ ଚଳିତବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍‌ରେ ବଡ଼ଦିନ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରାର୍ଥନା କାର୍ଯ୍ୟକ୍ରମକୁ ଲାଇଭ୍ ଷ୍ଟ୍ରିମ୍ କରାଯିବ। ୮ମାସ ହେବ ଚର୍ଚ୍ଚ ବନ୍ଦ ରହିଥିବାରୁ ପ୍ରାର୍ଥନା ଓ ବାକ୍ୟ ପ୍ରଚାର ଅନ୍‌ଲାଇନରେ କରାଯାଉଥିଲା। ତେଣୁ ଏହା ଏବେ ବି ଅନ୍‌ଲାଇନ୍‌ରେ କରିବାରେ କୌଣସି ଅସୁବିଧା ନାହିଁ। ଏତେଦିନ ଧରି ଚର୍ଚ୍ଚ ବନ୍ଦ ଥିବାରୁ ଗୋଟିଏ ଦିନ ପାଇଁ ଖୋଲିଲେ ବହୁସଂଖ୍ୟାରେ ଜନସମାଗମ ହେବ। ଏଭଳିସ୍ଥଳେ ଭିଡ଼ ନିୟନ୍ତ୍ରଣ ଅସମ୍ଭବ ହୋଇପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଖ୍ରୀଷ୍ଟମାସକୁ ଭର୍ଚୁଆଲ ମୋଡରେ କରିବାକୁ ଚର୍ଚ୍ଚ କର୍ତ୍ତୃପକ୍ଷ ଉଚିତ୍ ମଣୁଛନ୍ତି। ବଡ଼ଦିନ ପ୍ରାର୍ଥନାର ଲାଇଭ୍ ଷ୍ଟ୍ରିମିଂ ଚର୍ଚ୍ଚର ୟୁଟ୍ୟୁବ୍ ଚ୍ୟାନେଲରେ ହେବ ଏବଂ ମିଡ଼ନାଇଟ୍ କାର୍ଯ୍ୟକ୍ରମ ଜୁମ୍‌ରେ କରାଯିବ। ଏନେଇ ସତ୍ୟନଗରସ୍ଥିତ ୟୁନିୟନ ଚର୍ଚ୍ଚ ଫାଦର ଆୟୁବ୍ ଛିଞ୍ଚାଣି କହିଛନ୍ତି, ଏପର୍ଯ୍ୟନ୍ତ ଆମର କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସରକାରଙ୍କ ନିୟମ ଅନୁଯାୟୀ ଯଦି ଆମେ ଅଧା ଲୋକଙ୍କୁ ଭିତରକୁ ଛାଡ଼ିବୁ ଓ ଅଧାଙ୍କୁ ଛାଡ଼ିବୁନି ତାହେଲେ ବିବାଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଭର୍ଚୁଆଲ୍‌ରେ ବଡ଼ଦିନ ପାଳନ ହେବାର ଅଧିକ ସମ୍ଭାବନା ରହିଛି। ନଚେତ୍ ଭୁବନେଶ୍ୱର ସହରରେ ଥିବା ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ନେଇ ୧୫ଟି ଜୋନ୍‌ରେ ବିଭକ୍ତ କରାଯିବ ଏବଂ ଜୋନ୍ ଅନୁସାରେ ୧ ଘଣ୍ଟା ଲେଖାଏଁ ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି।



### କଟାଯିବନି କେକ୍, ଆଲିଙ୍ଗନ ବଦଳରେ ନମସ୍କାର

କୋଭିଡ୍ ସଂକ୍ରମଣ ଲାଗି ହାତ ମିଳାଇବା କିମ୍ବା ଆଲିଙ୍ଗନ କରିବାକୁ ସରକାରଙ୍କ ବାରଣ ଥିବାରୁ ନମସ୍କାର କରି ପରସ୍ପରକୁ ଶୁଭେଚ୍ଛା ଜଣାଇବେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ସେହିଭଳି ଏଥର କେକ୍ ମଧ୍ୟ କଟାଯିବନି କି କେହି କାହାକୁ ଖୁଆଇବେନି। ସାମାଜିକ ମିଳାମିଶା ଏବଂ କାର୍ଯ୍ୟକ୍ରମ ପରିବର୍ତ୍ତେ ଘରେ ରହି ବଡ଼ଦିନ ପାଳନ କରିବାକୁ ଲୋକେ ଉଚିତ୍ ମଣୁଛନ୍ତି। ଘରେ ଘରେ ମିଠା, ପିଠା ସହ ନୂଆବସ୍ତ୍ର କରିଧାନକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ନିଜ ଘରକୁ ସଜାଇବା ଓ ଖ୍ରୀଷ୍ଟମାସ ଟ୍ରି ପ୍ରସ୍ତୁତ ପାଇଁ ଏବେଠାରୁ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ବଜାରରେ ଖୋଲିଥିବା ସ୍ୱତନ୍ତ୍ର ଦୋକାନରେ ଏଥିଲାଗି ଭିଡ଼ ଜମୁଛି।

### ବିଜେବି ହାଇସ୍କୁଲର ଜୟନ୍ତୀ ପାଳନ ନେଇ ବୈଠକ

**ଖୋର୍ଦ୍ଧା ଅଫିସ,୧୯।୧୨**

ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଆସନ୍ତା ବର୍ଷ ୧୨୫ବର୍ଷରେ ପଦାର୍ପଣ କରିବ। ଏହି ଶିକ୍ଷାନୁଷ୍ଠାନର ଜୟନ୍ତୀ ଉତ୍ସବ ପାଳନ ନେଇ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଶନିବାର ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ବିଶେଷତଃ ୧୯୨୧ ଅସହଯୋଗ ଆନ୍ଦୋଳନ, ୧୯୩୦ ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଏହି ବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପରେ ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ବିଦ୍ୟାଳୟର ମାନ୍ୟତା ଏବଂ +୨ ପାଠ୍ୟକ୍ରମ ଖୋଲିବା ଲାଗି ମତପ୍ରକାଶ ପାଇଥିଲା। ଜାନୁୟାରୀରେ ଜୟନ୍ତୀ ଉତ୍ସବ ପାଳନ ନେଇ ରୂପରେଖ ବୃତ୍ତାନ୍ତ କରାଯିବା ନେଇ ସ୍ଥିର କରାଯାଇଛି। ଏହି ବୈଠକରେ ଛାତ୍ର ସଂସଦ ସଭାପତି ତଥା ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଅଭିଭାବକ ସଂଘ ସଭାପତି ତଥା ବିଧାୟକ(ବେଗୁନିଆ) ରାଜେନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ସେକ୍ ଗୋହର ଅଲ୍ଲୀ, ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପୂର୍ବତନ ଏୟାରମାର୍ଶଲ ଜ୍ୟୋତିନାରାୟଣ ବର୍ମନ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଇଚ୍ଛା କରିଥିଲେ, ମହାପ୍ରଭୁ ବାଟ କଢ଼ାଇଲେ

**ଖୋର୍ଦ୍ଧା ଅଫିସ,୧୯।୧୨**



ପରିବାର ସଦସ୍ୟଙ୍କ ସହ ପ୍ରଦୀପ ଦାରୁଦିଅଁ ପ୍ରତିମୂର୍ତ୍ତି ଗଢୁଛନ୍ତି।

ଭକ୍ତିରେ ବନ୍ଧା ଭାବବିନୋଦିଆ କାଳିଆ ଠାକୁର। ସେ ଭକ୍ତର ମନକଥା ବୁଝନ୍ତି। ଏକଦା ମହାପ୍ରଭୁଙ୍କୁ ରଥରେ ଦର୍ଶନ ବେଳେ ମନରେ ଆସିଥିଲା, ମୋତେ ଟିକିଏ ଦୟା କରନ୍ତନି ମହାପ୍ରଭୁ, ମୁଁ ବି ତୁମ ପ୍ରତିମୂର୍ତ୍ତି ଗଢନ୍ତି। ସେ ମନ କଥା ବୁଝିଥିଲେ। ତାଙ୍କ ଆଶୀର୍ବାଦରୁ ଆଜି ଦାରୁଦିଅଁଙ୍କ ପ୍ରତିମୂର୍ତ୍ତି ଗଢିବାର ସୌଭାଗ୍ୟ ପାଇଛି ବୋଲି କହିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କୋଦୁଓ ବେରେଣୀ ଗ୍ରାମର ପ୍ରଦୀପ ମୁଦୁଲି। ବର୍ଷ ସାରା ଦାରୁବିଗ୍ରହଙ୍କ ପ୍ରତିମୂର୍ତ୍ତି ଗଢିବାରେ ପ୍ରଦୀପ ଓ ତାଙ୍କ ପରିବାର ବ୍ୟସ୍ତ ରହନ୍ତି। ବାପା ଜନ୍ମେଶ୍ୱର ମୁଦୁଲି ଜଣେ ପାରମ୍ପରିକ କାରିଗର। ମା' ବିଳାସିନୀ, ସ୍ତ୍ରୀ ରଶ୍ମିତା ଓ ସାନଭାଇ ଦିଲ୍ଲୀପଙ୍କର ମଧ୍ୟ କଳା ପ୍ରତି ଆଗ୍ରହ ଥିବାରୁ ପ୍ରତିମୂର୍ତ୍ତି ଗଢାରେ ସାହାଯ୍ୟ କରନ୍ତି।

**ବାପାଙ୍କ ପ୍ରେରଣା:** ପିଲାବେଳୁ ବାପାଙ୍କ ସହ ମିଶି ଦୁଇ ଭାଇ ମାଟି କାମ ସହ ଚିତ୍ରକର କାମ ଶିଖିଥିଲେ। ପରେ ମୂର୍ତ୍ତି ଗଢିବାରେ ବାପାଙ୍କୁ ସହଯୋଗ କରୁଥିଲେ। ଧୀରେ ଧୀରେ ଏହି କଳା ପ୍ରତି ଆଗ୍ରହ ବଢିଲା। ବୟସ ବଢିବା ସହ ଏହା ନିଶାରେ ପରିଣତ ହୋଇଥିଲା।

**ପୁରୀରେ ପ୍ରଶିକ୍ଷଣ:** ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିମୂର୍ତ୍ତି ଗଢିବା ଲାଗି ପୁରୀରେ ୫ବର୍ଷ ରହି ତାଲିମ ଗ୍ରହଣ କରିଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ ମୂର୍ତ୍ତି ଗଢିବାରେ ଲାଗିପଡ଼ିଲେ। ଅନ୍ୟ କାମ ସହ ଏହି କାର୍ଯ୍ୟ ବର୍ଷସାରା ଚାଲିଥାଏ। ୪ ଇଞ୍ଚଠାରୁ ଆରମ୍ଭ କରି ସାଢେ ୪ଫୁଟ ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ଗଢିଛନ୍ତି। ନିମ୍ବକାଠରେ ପ୍ରତିମୂର୍ତ୍ତି ଗଢ଼ିଥାନ୍ତି। ସ୍ଥାନୀୟ ଅଞ୍ଚଳର ଲୋକେ ଘୋଷଯାତ୍ରା ପୂର୍ବରୁ ଘରେ ପୂଜା ପାଉଥିବା ପ୍ରତିମୂର୍ତ୍ତି ରଙ୍ଗ ଦେବା ଲାଗି ଆଣନ୍ତି।

**ଲୋକଙ୍କ ଆଗ୍ରହ ଦେଇଛି ପରିଚୟ:** ରଥଯାତ୍ରା ଆସିଲେ ଭକ୍ତଙ୍କ ବରାଦ ମୁତାବକ ନିମ୍ବକାଠରେ ପ୍ରତିମୂର୍ତ୍ତି ନିର୍ମାଣ କରିଥାଏ। ସ୍ନାନପୂର୍ଣ୍ଣମୀରୁ ରଙ୍ଗ ଦେବା କାର୍ଯ୍ୟ ଆରମ୍ଭ ହୋଇଥାଏ। ଅକ୍ଷୟ ତୃତୀୟଠାରୁ ରଥଯାତ୍ରା ପର୍ଯ୍ୟନ୍ତ ସପରିବାର ଏହି କାର୍ଯ୍ୟରେ ଲାଗୁ। ମୁଁ ବେଉସା ଲାଗି ଏହି କାମ କରେନାହିଁ। ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସେବାର ସୁଯୋଗ ନ ମିଳିଲେ ମଧ୍ୟ ପରୋକ୍ଷରେ ତାଙ୍କ ପ୍ରତିମୂର୍ତ୍ତି ଗଢ଼ି ଆତ୍ମତୃପ୍ତି ପାଇଥାଏ। ମା' ଓ ବାପା ବୟସାଧିକ କାରଣରୁ ପୁରୀ ଯାଇ ନ ପାରିଲେ ମଧ୍ୟ ରଥଯାତ୍ରା ଆସିଲେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ରଙ୍ଗ ଭରି ଅପୂର୍ବ ଆନନ୍ଦ ଅନୁଭବ କରିଥାନ୍ତିବୋଲି ପ୍ରଦୀପ କହିଛନ୍ତି।

## 'ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି'

**ଖୋର୍ଦ୍ଧା ଅଫିସ,୧୯।୧୨**

ଗାଁ ଠୁ ସହର ସହର ପର୍ଯ୍ୟନ୍ତ ମାଡ଼ି ଚାଲିଛି ନିଶା କାରବାର। ନିଶା ପ୍ରଭାବରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଯୁବପିଢ଼ିଙ୍କୁ ଠିକ୍ ମାର୍ଗକୁ ଆଣିବା ଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ କହିଛନ୍ତି। ଶନିବାର ଖୋର୍ଦ୍ଧା ଜିଲା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମୁକୁନ୍ଦପ୍ରସାଦ ପ୍ରାଣନାଥ ମାର୍ଗସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ଜିଲା ସଭାପତି ରାମ ଶଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହ୍ୟ ଗବେଷକ ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଇନଜୀବୀ ଅର୍ଜୁନ ଚରଣ ସାମନ୍ତରାୟ, ଅଶୋକ କୁମାର ଏବଂ ଆଇନଜୀବୀ ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ସହରରେ ନିଶା କାରବାର ଦ୍ରୁତ ଗତିରେ ବଢିଚାଲିଛି। ଖୋର୍ଦ୍ଧାକୁ ନିଶାମୁକ୍ତ ସହର ଭାବେ ଗଢିତୋଳିବାକୁ ସାମୁହିକ ଉଦ୍ୟମ ଲୋଡା ବୋଲି ମତପ୍ରକାଶ ପାଇଥିଲା। ସାମାଜିକ କର୍ମୀ ରମାକାନ୍ତ ଦାସ, ତ୍ରିନାଥ ପାଲଟାସିଂହ, ଇନ୍ଦୁମତୀ ସାହୁ, କୁଳମଣି ଜେନା, ଶୁଭେନ୍ଦୁ ରାଉତରାୟ, ବିଭୁପ୍ରସାଦ ବଛି, ପ୍ରଭାତ ରାଉତରାୟ, କଳ୍ପତରୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଧବାଙ୍କୁ ବଳାତ୍କାର ଉଦ୍ୟମ: ପଡ଼ୋଶୀ ଗିରଫ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଜନୈକା ବିଧବାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଶନିବାର ଏୟାରପୋର୍ଟ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଲକ୍ଷ୍ମଣ ହାଂସଦା। ସୂଚନା ଅନୁଯାୟୀ, ଅଭିଯୁକ୍ତ ଲକ୍ଷ୍ମଣ ହେଉଛନ୍ତି ପୀଡ଼ିତାଙ୍କ ପଡ଼ୋଶୀ। ସେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ବିଳମ୍ବିତ ରାତିରେ ଲକ୍ଷ୍ମଣ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେ ଶୋଇଥିବା ସମୟରେ ଲକ୍ଷ୍ମଣ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏନେଇ ଥାନାରେ ମାମଲା(ନଂ.୨୭୧/୨୦)ରୁଜୁ ହୋଇଥିଲା।

## ଭାଜପାର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଓ ଅନ୍ୟମାନେ।

**ବୋଲଗଡ଼/ବାଣପୁର, ୧୯।୧୨(ଡି.ଏନ୍.ଏ.)**

ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ଶନିବାର ଭାଜପାର ବୋଲଗଡ଼ ମଣ୍ଡଳସ୍ତରୀୟ କର୍ମୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ରଷଭ ନନ୍ଦ, ଜିଲା ଉପସଭାପତି ରଘୁନାଥ ଷଡ଼ଙ୍ଗୀ, ଲୋତକବିନ୍ଦୁ ପଟ୍ଟନାୟକ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ବାଣପୁର ନଗର ମଣ୍ଡଳର ପ୍ରଶିକ୍ଷଣ ଶିବିର ସଭାପତି ଭଗବାନ ପ୍ରଧାନଙ୍କ ନେତୃତ୍ୱରେ କଲେଜ ରୋଡସ୍ଥିତ ବାବା ବୁଖାରି କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଶିବିରରେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡା. ପାତ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମା' ଭଗବତୀଙ୍କ ମନ୍ଦିର ପରିଦର୍ଶନ କରିଥିଲେ।

## କଳିଙ୍ଗ ଟାଇଗର ଚାମ୍ପିୟନ



ଅତିଥିଙ୍କ ଠାରୁ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

**ବେଗୁନିଆ,୧୯।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଧୀନ ଛତ୍ରପଡ଼ା ହାଇସ୍କୁଲ ପଡ଼ିଆରେ ୩ଦିନ ଧରି ଚାଲିଥିବା ମାର୍ଥାକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ବଙ୍ଗିଦା ଟିମ୍ ଓ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଙ୍ଗିଦା ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ହରାଇ ୧୮୮ରନ ସଂଗ୍ରହ କରିଥିଲା। ଜବାବରେ କଳିଙ୍ଗ ଟାଇଗର ଟିମ୍ ୧୯ ଓଭର ୪ଟି ବଲରେ ୧୮୯ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ରାଜେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ତନୁଜା ପାଟଶାଣୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହତ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୬ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କଳିଙ୍ଗ ଟାଇଗରର ଆଇ.ଏସ୍.ଗିରିଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମନୋଜ ରଣସିଂହ ଏବଂ ମାନସ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଆସୋସିଏଶନ ସମ୍ପାଦକ ଜୟନ୍ତ ମାର୍ଥା ଧନ୍ୟବାଦ ଦେଇଥିଲେ।

## ଜାତୀୟ ରାଜପଥରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ

- ଟାର୍ଗେଟରେ ବାଇକ୍, ସ୍କୁଟି ଚାଳକ
- ଗାଡ଼ିରୁ ପଡ଼ି ଦମ୍ପତି ଗୁରୁତର

**ଖୋର୍ଦ୍ଧା ଅଫିସ,୧୯।୧୨**

୧୬ନଂ. ଜାତୀୟ ରାଜପଥରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ବ୍ଲାକ୍ ପଲସର ଏବଂ ମୁଖା ପିନ୍ଧା ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଶନିବାର ଏହି ଜାତୀୟ ରାଜପଥର ପୃଥକ୍ ସ୍ଥାନରୁ ଦୁଇଟି ଲୁଟ୍ ହୋଇଛି। ଖୋର୍ଦ୍ଧା ଜିଲା ଝାଁଙ୍କା ପୋଷ୍ଟ ଅଫିସ ଛକ ନିକଟରୁ ମୁଣ୍ଡମୁହାଣ ଗ୍ରାମର ବ୍ୟବସାୟୀ ଭଗବାନ ସୁବୁଦ୍ଧିଙ୍କ ବାଇକ୍‌ଡିକିଭାଙ୍ଗି କେହିଦୁର୍ବୃତ୍ତ ୫,୦୦୦୦୦ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ସେହିପରି ଚାନ୍ଦପୁର ଥାନା ଅଧୀନ ରୟାଲ ଢ଼ାବା ନିକଟରୁ ଦମ୍ପତିଙ୍କଠାରୁ ସୁନାଚେନ ଏବଂ ୬ହଜାର ଟଙ୍କା ଲୁଟ୍ ହୋଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଡଙ୍ଗରପଡ଼ାର ଓମ୍‌ପ୍ରକାଶ ପାହାଡ଼ସିଂ ସ୍କୁଟି(ଓଡ଼ି୩୩ ଏସି ୦୯୧୨)ରେ ଟାଙ୍ଗୀ(ଖୋର୍ଦ୍ଧା) ତହସିଲ ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥ ଚାନ୍ଦପୁର ରୟାଲ ଢ଼ାବା ନିକଟରେ ପଛପଟୁ ବ୍ଲାକ ପଲସରରେ ଆସୁଥିବା ଦୁଇଜଣ ଲୁଟେରା ସ୍କୁଟି ପଛରେ ବସିଥିବା ପ୍ରୀତିଙ୍କ ବେକରୁ ସୁନାଚେନକୁ ଝାମ୍ପିଥିଲା। ଫଳରେ ପ୍ରୀତି ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ପରେ ଲୁଟେରଦ୍ୱୟ ପ୍ରୀତିଙ୍କ ସୁନାଚେନ ଏବଂ ଓମପ୍ରକାଶଙ୍କଠାରୁ ୬ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଆହତ ଦମ୍ପତି ଚାନ୍ଦପୁର ପୋଲିସର ସହଯୋଗ ଲୋଡିଥିଲେ ମଧ୍ୟ କୌଣସି ସହାୟତା ମିଳି ନ ଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଦମ୍ପତିଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ପ୍ରକାଶ ଯେ, ଝାଁଙ୍କା ପୋଷ୍ଟ ଅଫିସ ନିକଟରୁ ଶୁକ୍ରବାର ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଖୋର୍ଦ୍ଧାରୁ ଏକ ସ୍କୁଟିରେ ଜ୍ୟୋତ୍ସ୍ନା ଦାସ ଓ ମମତା ମହାନ୍ତି ଭୁବନେଶ୍ୱର ଯାଉଥିଲେ। ପୋଷ୍ଟ ଅଫିସ ନିକଟରେ ଦୁର୍ବୃତ୍ତ ଦ୍ୱୟ ପଛରେ ବସିଥିବା ମମତାଙ୍କ ସୁନାଚେନକୁ ଭିଡ଼ିଥିଲେ। ଭାରସାମ୍ୟ ହରାଇ ଦୁଇଜଣ ତଳେ ପଡ଼ି ଗୁରୁତର ହୋଇଥିଲେ। ଦୁର୍ବୃତ୍ତମାନେ ସୁନାଚେନ ନେଇ ଫେରାର ହୋଇଯାଇଥିଲେ। ସେହିପରି ଗତ ବୁଧବାର ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏସ୍.ରେଡ଼ି ପୁରୀରୁ କାର ଯୋଗେ ଏକ ବ୍ୟାଗରେ ୧୫ ଲକ୍ଷ ଟଙ୍କା ଧରି ଛତ୍ରପୁର ଯାଉଥିଲେ। ପିଛା କରୁଥିବା ଏକ କାର ବାଲୁଗାଁ ବାଇପାସ ନିକଟରେ ତାଙ୍କୁ ଅଟକାଇଥିଲେ। କାରରୁ କେତେଜଣ ଦୁର୍ବୃତ୍ତ ଓହ୍ଲାଇ ରେଡ୍ଡିଙ୍କୁ ବନ୍ଧୁକ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ସମସ୍ତ ଘଟଣାର ଅଭିଯୋଗ ସତ୍ତ୍ୱେ ପୋଲିସ କାହାରିକୁ ଧରିପାରି ନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବାଇକ୍ ଡିକି ଭାଙ୍ଗି ୫ଲକ୍ଷର ସୁନାଗହଣା ଲୁଟ୍

**ଝାଁଙ୍କା,୧୯।୧୨(ଡି.ଏନ୍.ଏ.):** ଜଟଣୀ ଥାନା ଅଧୀନ ଝାଁଙ୍କା ପୋଷ୍ଟ ଅଫିସ ଛକ ନିକଟରୁ ଶନିବାର ଦୁଇ ଜଣ ଲୁଟେରା ଜଣେ ବ୍ୟବସାୟୀଙ୍କ ବାଇକ୍ ଡିକି ଭାଙ୍ଗି ୫,୦୦୦,୦୦ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ସୂଚନା ମୁତାବକ, ମୁଣ୍ଡମୁହାଣ ଗ୍ରାମର ଭଗବାନ ସୁବୁଦ୍ଧିଙ୍କ ଝାଁଙ୍କା ବଜାରରେ ସୁନା ଅଳଙ୍କାର ଦୋକାନ ରହିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଭଗବାନ ଏକ ବ୍ୟାଗରେ ସୁନା, ରୁପା ଅଳଙ୍କାର ପୂରାଇ ବାଇକ୍ ଡିକିରେ ରଖିବା ସହ ଘରକୁ ଯାଉଥିଲେ। ପୋଷ୍ଟ ଅଫିସ ଛକରେ ଗାଡ଼ି ରଖି କ୍ଷୀର ଆଣିବାକୁ ଯାଇଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ଭଗବାନଙ୍କ ବାଇକ୍ ଡିକି ଭାଙ୍ଗି ସୁନାଗହଣା ଥିବା ବ୍ୟାଗକୁ ନେଉଥିବା ବେଳେ ଜଣେ ଯୁବକ ପ୍ରତିବାଦ କରିଥିଲେ। ଏହା ପରେ ଲୁଟେରାମାନେ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ବ୍ୟାଗକୁ ନେଇ ଫେରାର ହୋଇଯାଇଥିଲେ। ଭଗବାନଙ୍କ ଅଭିଯୋଗକୁ ଭିତ୍ତିକରି ଝାଁଙ୍କା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।